ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25. No.291 Bhubaneswar Thursday January 05, 2023 ୨୫ତମ ବର୍ଷ ସଂଖ୍ୟା-୨୯୧ ଭୁବନେଶ୍ୱର, ଗୁରୁବାର, ଜାନୁଆରୀ ୦୫,୨୦୨୩ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

# ପ୍ରସାରଣ ଭିତ୍ତିଭୂମି ଓ ନେଟୱର୍କ ବିକାଶକୁ କେନ୍ଦ୍ର କ୍ୟାବିନେଟର ମଞ୍ଜୁରି

## ୨୦୨୫-୨୬ ସୁଦ୍ଧା ଖର୍ଚ୍ଚ ହେବ ୨୫୩୯.୬୧ କୋଟି ଟଙ୍କା

**ନୂଆଦିଲ୍ଲୀ, (ପିଏନ)-** ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ ସମିତି (ସିସିଇଏ) ଏକ କେନ୍ଦ୍ରୀୟ କ୍ଷେତ୍ରର ଯୋଜନା ଭାବେ 'ପ୍ରସାରଣ ଭିତ୍ତିଭୂମି ଓ ନେଟୱର୍କ ବିକାଶ (ବ୍ରଡକାଷ୍ଟିଂ ଇନଫ୍ରାଷ୍ଟ୍ରକ୍ଚର ଏଣ୍ଡ ନେଟୱର୍କ ଡେଭଲପମେଂଟ-ବିଆଇଏନଡି)'କୁ ଅନୁମୋଦନ କରିଛି। ଏ ସଂକ୍ରାନ୍ତରେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ ମଞ୍ଜୁର କରାଯାଇଛି। ଏହି ଯୋଜନା ମାଧ୍ୟମରେ ପ୍ରସାର ଭାରତୀ- ଅର୍ଥାତ୍ ଅଲ ଇଣ୍ଡିଆ ରେଡିଓ (ଏଆଇଆର) ଏବଂ ଦୂରଦର୍ଶନ (ଡିଡି) ପାଇଁ ଭିତ୍ତିଭୂମି ବିକାଶ କରାଯିବ। ଯୋଜନାରେ ମୋଟ୍ ୨୫୩୯.୬୧ କୋଟି ଟଙ୍କା ଖର୍ଚ୍ଚ ହେବ। ପ୍ରସାର ଭାରତୀର ପ୍ରସାରଣ ଭିତ୍ତିଭୂମି ସମ୍ପ୍ରସାରଣ ଓ ଉନ୍ନତିକରଣ, ବିଷୟବସ୍ତୁ ବିକାଶ ଓ ସଂଗଠନର ସିଭିଲ କାର୍ଯ୍ୟ ଆଦି ପାଇଁ ଆର୍ଥିକ ସହାୟତା ଯୋଗାଇ ଦେବା ଲାଗି ମନ୍ତ୍ରଣାଳୟ ଦ୍ୱାରା ବ୍ରଡକାଷ୍ଟିଂ




ଇନଫ୍ରାଷ୍ଟ୍ରକଚର ଏଣ୍ଡ ନେଟୱର୍କ ଡେଭଲପମେଣ୍ଟ (ବିଆଇଏନଡି) ଯୋଜନାର ପରିକଳ୍ପନା କରାଯାଇଛି।

ପ୍ରସାର ଭାରତୀ ହେଉଛି ଦେଶର ସାର୍ବଜନୀନ ବା ଲୋକ ସେବା ପ୍ରସାରଣକାରୀ ସଂଗଠନ। ଏହି ସଂଗଠନ ଦୂରଦର୍ଶନ ଓ ଆକାଶବାଣୀ ମାଧ୍ୟମରେ ଦେଶର ଦୂର ସୁଦୂରବର୍ତ୍ତୀ କ୍ଷେତ୍ରରେ ଲୋକମାନଙ୍କୁ ଶିକ୍ଷା, ସୂଚନା, ମନୋରଞ୍ଜନ ଓ ସହଭାଗିତାର ସବୁଠୁ ବଡ଼ ସାଧନ ଯୋଗାଇ ଦେଉଛି। ପ୍ରସାର ଭାରତୀ କୋଭିଡ ମହାମାରୀ ସମୟରେ ସାର୍ବଜନୀନ ସ୍ୱାସ୍ଥ୍ୟ ବାର୍ତ୍ତାର ପ୍ରସାରଣ ଓ ଜନସାଧାରଣଙ୍କୁ ସଚେତନ କରିବା ଦିଗରେ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା।

ବିଆଇଏନଡି ଯୋଜନା ଏହି ସାର୍ବଜନୀନ ପ୍ରସାରଣକାରୀ ସଂଗଠନକୁ ଉନ୍ନତ ମୌଳିକ ଭିତ୍ତିଭୂମି ସହିତ ନିଜସ୍ୱ ସୁବିଧାକୁ ବ୍ୟାପକ ଭାବେ ଉନ୍ନତିକରଣ କରିବା ଲାଗି ସକ୍ଷମ କରିବ। ଫଳରେ ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ କ୍ଷେତ୍ର, ସୀମାବର୍ତ୍ତୀ ଓ ରଣନୈତିକ କ୍ଷେତ୍ରରେ ଏହାର ପ୍ରସାରଣ ବୃଦ୍ଧି ପାଇବ। ଶ୍ରୋତା ଓ ଦର୍ଶକମାନେ ଉଚ୍ଚ ଗୁଣବତ୍ତାଯୁକ୍ତ କଣ୍ଟେଣ୍ଟ ବା ବିଷୟବସ୍ତୁ ପାଇପାରିବେ। ଏହି ଯୋଜନାର ଆଉ ଏକ ପ୍ରାଥମିକତା ଆଧାରିତ କ୍ଷେତ୍ର ହେଉଛି - ଘରୋଇ ଓ ଅନ୍ତର୍ଜାତୀୟ ଉଭୟ ଦର୍ଶକଙ୍କ ପାଇଁ ଉଚ୍ଚ ଗୁଣବତ୍ତାଯୁକ୍ତ କଣ୍ଟେଣ୍ଟ ବିକଶିତ କରିବା ଏବଂ ଅଧିକ ଘରୋଇ ଚ୍ୟାନେଲକୁ ସାମିଲ କରିବା ଲାଗି ଡିଟିଏଚ ପ୍ଲାଟଫର୍ମର କ୍ଷମତା ବିକାଶ। ଏହାଦ୍ୱାରା ଦର୍ଶକଙ୍କ ପାଇଁ ବିବିଧ ବିଷୟବସ୍ତୁ ଓ କାର୍ଯ୍ୟକ୍ରମର ଉପଲବ୍ଧତା ସୁନିଶ୍ଚିତ ହୋଇପାରିବ। ଓବି ଭ୍ୟାନ୍ କ୍ରୟ ଏବଂ ଡିଡି ଓ ଆକାଶବାଣୀ ଷ୍ଟୁଡିଓକୁ ଏଚଡି ସ୍ତରରେ ପ୍ରସ୍ତୁତ କରିବା ଲାଗି ଡିଜିଟାଲ ଉନ୍ନତିକରଣକୁ ମଧ୍ୟ ଏହି ପରିଯୋଜନାର ଅଂଶବିଶେଷ ଭାବେ ସାମିଲ କରାଯିବ।

ବର୍ତ୍ତମାନ, ଦୂରଦର୍ଶନ ୨୮ଟି ଆଞ୍ଚଳିକ ଚାନେଲ ସହିତ ୩୬ଟି ଟିଭି ଚାନେଲ ପରିଚାଳନା କରୁଛି ଏବଂ ଅଲ ଇଣ୍ଡିଆ ରେଡିଓ ୫୦୦ରୁ ଅଧିକ ପ୍ରସାରଣ କେନ୍ଦ୍ର ପରିଚାଳନା କରିଥାଏ। ଏହି ଯୋଜନା ଦେଶରେ ଏଆଇଆର ଏଫଏମ ଟ୍ରାନ୍ସମିଟର କଭରେଜକୁ ଭୌଗଳିକ କ୍ଷେତ୍ର ଅନୁସାରେ ୫୯ ପ୍ରତିଶତରୁ ବଢ଼ାଇ ୬୬ ପ୍ରତିଶତ ଏବଂ ଜନସଂଖ୍ୟା ହିସାବରେ ୬୮ ପ୍ରତିଶତରୁ ବଢ଼ାଇ ୮୦ ପ୍ରତିଶତ କରି ଦେବ। ଏହି ଯୋଜନାରେ ଦୂରବର୍ତ୍ତୀ, ଜନଜାତୀୟ, ବାମପନ୍ଥୀ ଉଗ୍ରବାଦ (ଏଲଡବ୍ଲୁଇ) ପ୍ରଭାବିତ, ସୀମାବର୍ତ୍ତୀ କ୍ଷେତ୍ର ଓ ଆକାଂକ୍ଷୀ ଜିଲ୍ଲାରେ ରହୁଥିବା ଲୋକମାନଙ୍କୁ ୮ ଲକ୍ଷ ଡିଡି ଫ୍ରି ଡିଶ ଡିଟିଏଚ ସେଟଅପ ବକ୍ସ (ଡିଟିବି) ନିଃଶୁଳ୍କ ବିତରଣ କରାଯିବାକୁ ପରିକଳ୍ପନା କରାଯାଇଛି।

# ଆଜି ବିର୍ସା ମୁଣ୍ଡା ହକି ଷ୍ଟାଡିୟମର ଉଦଘାଟନ କରିବେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର, (ପିଏନ)-** ଗୁରୁବାର ଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ରାଉରକେଲା ଗସ୍ତରେ ଯାଇ ସେଠାରେ ବିର୍ସା ମୁଣ୍ଡା ହକି ଷ୍ଟାଡିୟମ୍ ଉଦଘାଟନ କରିବେ। ଏହା ବାଦ ମୁଖ୍ୟମନ୍ତ୍ରୀ ରାଉରକେଲା ସହରରେ ମୋ ବସ ସେବା ମଧ୍ୟ ଶୁଭାରମ୍ଭ କରିବେ ନବୀନ ପଟ୍ଟନାୟକ। ମିଳିଥିବା ସୂଚନା ଅନୁସାରେ ମୁଖ୍ୟମନ୍ତ୍ରୀ ରାଉରକେଲା ବିମାନବନ୍ଦରେ ପହଂଚିବା ପରେ ସେଠାରୁ ହକି ଷ୍ଟାଡିୟମ୍ ଯିବେ। ଷ୍ଟାଡିୟମରେ ରହୁଥିବା ଖେଳାଳିଙ୍କ ସହ ଆଲୋଚନା କରିବେ ମୁଖ୍ୟମନ୍ତ୍ରୀ । ଏହା ସହିତ ରାଉରକେଲା ସହର ତଥା ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ପ୍ରକଳ୍ପର ଉଦଘାଟନ କରିବେ।

# ମାଗଣା ଚାଉଳକୁ ନେଇ ରାଜ୍ୟ ସରକାରଙ୍କୁ ବିରୋଧୀଙ୍କ ଟାର୍ଗେଟ୍

**ଭୁବନେଶ୍ୱର, (ପିଏନ)-**ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାର ହିତାଧିକାରୀଙ୍କୁ ଆଉ ଏକ ବର୍ଷ ପର୍ଯ୍ୟନ୍ତ ମାଗଣାରେ ଚାଉଳ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀଙ୍କ ଘୋଷଣାକୁ ନେଇ ରାଜନୈତିକ ବୟାନବାଜି ଆରମ୍ଭ ହୋଇଯାଇଛି। ନିର୍ବାଚନ ପୂର୍ବରୁ ଏ ପ୍ରକାର ଘୋଷଣା କରି ଭୋଟରଙ୍କୁ ପ୍ରଭାବିତ କରିବାକୁ ଚେଷ୍ଟା କରାଯାଉଛି ବୋଲି ବିରୋଧୀ ଦଳ ଅଭିଯୋଗ କରିଛନ୍ତି।

ମାଗଣା ଚାଉଳ ପ୍ରସଙ୍ଗରେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର କହିଛନ୍ତି, 'କେନ୍ଦ୍ର ସରକାର ଘୋଷଣା କରିବା ପରେ ରାଜ୍ୟରେ ଥିବା ବିଜେଡି ସରକାର ମାଗଣା ଚାଉଳ ଘୋଷଣା କରିଛନ୍ତି। ଏହା କେବଳ ଶ୍ରେୟ ନେବା ପାଇଁ ରାଜନୀତି। କେନ୍ଦ୍ର ସରକାର ୩ କୋଟି ୨୬ ଲକ୍ଷ ଲୋକଙ୍କୁ ଚାଉଳ ଦେବେ। ହେଲେ ଓଡ଼ିଶାରେ ଯେଉଁ କାର୍ଡ ବ୍ୟବସ୍ଥା ରହିଛି ସେଥିରେ ବ୍ୟାପକ ଅନିୟମିତତା ହୋଇଛି। ଓଡ଼ିଶା ସରକାର ଯେଉଁ ମାଗଣା ଚାଉଳ ଦେବାକୁ ଚାହୁଁଛନ୍ତି। କେନ୍ଦ୍ର ସରକାର ଦେଲା ପରେ ଏହାର ଆବଶ୍ୟକତା ରହିଛି କି? ଓଡିଶାର ଜନସଂଖ୍ୟା କେତେ ? କେତେ ଜଣ ବିପିଏଲ ଶ୍ରେଣୀରୁ ଉର୍ଦ୍ଧ୍ୱରେ ଅଛନ୍ତି? କେତେ ଲୋକଙ୍କୁ ଚାଉଳର ଆବଶ୍ୟକତା ରହିଛି। ତାର ତଥ୍ୟ ରାଜ୍ୟ ସରକାରଙ୍କ ପାଖରେ ଅଛି କି? ଯେଉଁ ୯ ଲକ୍ଷ ଲୋକଙ୍କୁ ଚାଉଳ ଦେବେ ବୋଲି ରାଜ୍ୟ ସରକାର କହୁଛନ୍ତି ସେମାନଙ୍କର ତଥ୍ୟ ରାଜ୍ୟରେ ଥିବା ବିଜେଡି ସରକାର ଦେଇ ପାରିବେ କି ବୋଲି ସେ ପ୍ରଶ୍ନ କରିଛନ୍ତି। କେବଳ ଶ୍ରେୟ ନେବା ପାଇଁ ବିଜେଡି ସରକାର ଏଭଳି ଘୋଷଣା କରିଛନ୍ତି ବୋଲି ସେ କହିଛନ୍ତି।

ସେହିପରି କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ କହିଛନ୍ତି,ରାଜ୍ୟ ସରକାରଙ୍କ ସତ ଧରାପଡ଼ିଛି। ଭାରତ ସରକାର ଚାଉଳ ମାଗଣାରେ ଦେଉଛନ୍ତି। ହେଲେ ରାଜ୍ୟ ସରକାର ଯେଉଁ ୨୨ ବର୍ଷ ଧରି ଟଙ୍କିକିଆ ଚାଉଳ ଦେଉଥିଲେ ଏଥିରେ ସେ ଧରାପଡ଼ିଗଲେ। ଏଥିରେ ଏକ ଟଙ୍କା ଦେବାର ନାହିଁ କି କିଲେ ଚାଉଳ ରାଜ୍ୟ ସରକାର ଦେଉ ନ ଥିଲେ। କେବଳ ଧୂଆଁ ବାଣ ମାରୁଥିଲେ। ଟଙ୍କିକିଆ ଚାଉଳ ଇନ୍ଦିରା ଗାନ୍ଧୀଙ୍କ ଅମଳରୁ ଦିଆଯାଉଛି।ଅପରପକ୍ଷରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ଗଣାମାଧ୍ୟମରେ ପ୍ରତିକ୍ରିୟା ରଖି କହିଛନ୍ତି, 'କୋଭିଡ଼ ସମୟରୁ ମାଗଣା ଚାଉଳ ଦିଆଯାଇଥିଲା। ବର୍ତ୍ତମାନ ସମୟର ଆବଶ୍ୟକତା ଦେଖି ମୁଖ୍ୟମନ୍ତ୍ରୀ ପୁଣି ଥରେ ଘୋଷଣା କରିଛନ୍ତି। ବର୍ଷ ତମାମ ସେଥିପାଇଁ ୧୮୫ କୋଟି ଟଙ୍କା ମଧ୍ୟ ବ୍ୟୟ ହେବ। ଏଥିପାଇଁ ମଙ୍ଗଳବାର ରାଜ୍ୟ ସରକାର ଘୋଷଣା କରିସାରିଛନ୍ତି। ନବୀନ ସରକାର କେବେ ନିର୍ବାଚନକୁ ଦେଖି କିଛି କରନ୍ତି ନାହିଁ। ଲୋକଙ୍କ ବିକାଶ ପାଇଁ କାର୍ଯ୍ୟ କରାଯାଇଛି। ରାଜ୍ୟରେ ପ୍ରତ୍ୟେକ ଦିନ ବିକାଶ କାର୍ଯ୍ୟ ହେଉଛି। ପଦ୍ମପୁର ଉପନିର୍ବାଚନକୁ ନେଇ ଆଲୋଚନା ହେଉଥିଲା। ସେଠି ନିର୍ବାଚନ ସରିବା ପରେ ମଧ୍ୟ କାମ ଚାଲିଛି। ନବୀନ ସରକାରରେ ବିକାଶର ଧାରା ଏକ ନିୟମିତ ପ୍ରକ୍ରିୟା। ଏ ହେଉଛି ସେବାର କଥା। ମାଇଲେଜ ପାଇଁ ରାଜ୍ୟ ସରକାର କେବେ କାମ କରନ୍ତି ନାହିଁ ବୋଲି ସେ କହିଛନ୍ତି।

## ସଂକ୍ରମଣ ବଢ଼ିବାର ସମ୍ଭାବନା ରହିଛି : ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

**ଭୁବନେଶ୍ୱର, (ପିଏନ)-** ଅନ୍ୟ ଦେଶରେ ସଂକ୍ରମଣ ବଢୁଛି। ଆମ ଦେଶରେ ବି କିଛି ସ୍ଥାନରେ ସଂକ୍ରମଣ ବଢ଼ିବା ଆରମ୍ଭ କରୁଛି। ତେଣୁ ଆମର ଏଠି ବି ସଂକ୍ରମଣ ବଢ଼ିବାର ସମ୍ଭାବନା ରହିଛି। ଏଠି ସଂକ୍ରମଣ ବଢ଼ିବନି ବୋଲି କହିବା ଭୁଲ ହେବ। ବରଂ ତା' ସହ ଯୁଦ୍ଧ କରିବା ପାଇଁ ଆମକୁ ପ୍ରସ୍ତୁତ ହୋଇ ରହିବାକୁ ପଡ଼ିବ ବୋଲି କହିଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସେ କହିଛନ୍ତି ଯେଉଁ ପରାମର୍ଶଗୁଡ଼ିକ ଦିଆଯାଇଛି ତାକୁ ମାନି ଚଳିବାକୁ ହେବ। ସରକାରଙ୍କ ପକ୍ଷରୁ ସର୍ଭିଲାନ୍ସ ଜାରି ରହିଛି। ହସ୍ପିଟାଲରେ ବେଡ ପ୍ରସ୍ତୁତ କରି ରଖାଯାଇଛି । ଦରକାର ପଡ଼ିଲେ ବେଡ଼ ସଂଖ୍ୟା ବୃଦ୍ଧି କରାଯିବ। ଟେଷ୍ଟିଂର ବ୍ୟବସ୍ଥା ମଧ୍ୟ କରାଯାଇଛି। ସରକାର ସବୁ ପ୍ରକାର ସ୍ଥିତି ପାଇଁ ପ୍ରସ୍ତୁତ ରହିଛନ୍ତି। ପଜିଟିଭିଟି ସାଙ୍ଗକୁ ମେଡିକାଲରେ ଭର୍ତ୍ତି ସଂଖ୍ୟା ତଥା ମୃତ୍ୟୁ ସଂଖ୍ୟା ଉପରେ ବି କଡ଼ା ନଜର ରଖାଯାଇଛି। ତାହାକୁ ଅନୁଶୀଳନ କରି ପଦକ୍ଷେପ ନିଆଯିବ। ସବୁ ଜିଲ୍ଲା ହସ୍ପିଟାଲରେ ଆଇସୋଲେଟେଡ ବେଡ ରଖାଯାଇଛି। ସେଠାରେ ମେଡିକାଲରେ ଭର୍ତ୍ତି ଆକ୍ରାନ୍ତଙ୍କ ସଂଖ୍ୟା ଶୂନ ରହିଛି। ଏହା ଆଗକୁ ବଢ଼ିଲେ ବେଡ ସଂଖ୍ୟା ବଢ଼ାଯିବ।

## ପ୍ରତାପ ଷଡଙ୍ଗୀଙ୍କୁ ଭେଟିଲେ ଅପରାଜିତା

**ଭୁବନେଶ୍ୱର, (ପିଏନ)-** ଅସୁସ୍ଥତା ହେତୁ ଚିକିତ୍ସିତ ହେଉଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ପ୍ରତାପ ଷଡଙ୍ଗୀଙ୍କୁ ଭୁବନେଶ୍ୱର ଏମସ୍ ଯାଇ ସାକ୍ଷାତ କରିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ। ଏସମ୍ପର୍କରେ ଟ୍ୱିଟ୍ କରି ଶ୍ରୀମତୀ ଷଡଙ୍ଗୀ ଲେଖିଛନ୍ତି ଯେ ଆଜି ସେ ଭୁବନେଶ୍ୱର ଏମସ୍ ଯାଇ ପ୍ରତାପ ଷଡଙ୍ଗୀଙ୍କୁ ଭେଟିଛନ୍ତି। ଡାକ୍ତରଙ୍କ ସହ ତାଙ୍କ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି।

# ଗାନ୍ଧୀଙ୍କୁ ମହାତ୍ମା କରିଥିଲା ଓଡିଶା : ରାଜ୍ୟପାଳ

**ଭୁବନେଶ୍ୱର, (ପିଏନ)-** ମହାତ୍ମା ଗାନ୍ଧୀଙ୍କ ଜୀବନ ଓ କାର୍ଯ୍ୟଶୈଳୀରେ ପରିବର୍ତ୍ତନ ଆଣିବା କ୍ଷେତ୍ରରେ ଓଡିଶାର ପ୍ରମୁଖ ଅବଦାନ ରହିଥିଲା । ଅଧ୍ୟାତ୍ମିକତା ଠାରୁ ଆରମ୍ଭ କରି ରାଜନୈତିକ କ୍ଷେତ୍ର ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ଓଡିଶାର ଅନବଦ୍ୟ ଅବଦାନ ରହିଛି ବୋଲି କହିଛନ୍ତି ଓଡିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କର।

ଜୟଦେବ ଭବନରେ ପାଟକୁରା ଗାନ୍ଧୀ ରାଜକିଶୋର ନାୟକଙ୍କ ପୂଣ୍ୟତିଥି ଅବସରରେ ଆୟୋଜିତ ତ୍ରୟୋଦଶ ଗାନ୍ଧୀ ସ୍ମାରକୀ ବକ୍ତୃତାମାଳାରେ ମୁଖ୍ୟ



ଅତିଥିଭାବେ ଯୋଗଦେଇ ରାଜ୍ୟପାଳ ଉଲ୍ଲେଖ କରିଛନ୍ତି ଯେ ଭାରତକୁ ସ୍ୱାଧୀନ କରିବା ସହ ବିଭିନ୍ନ କ୍ଷେତ୍ରରେ କ୍ରାନ୍ତି ଆଣିବାପାଇଁ ଯେଉଁ ମହାପୁରୁଷମାନେ ଅବଦାନ ଦେଇ ଯାଇଛନ୍ତି ସେମାନଙ୍କ ଜୀବନ ଶୃଙ୍ଖଳା, ନୈତିକତା ଓ ଅଧ୍ୟାତ୍ମିକ ଭିତିଭୂମିରେ ବିକଶିତ ହୋଇଥିଲା । ଗାନ୍ଧୀଙ୍କ ଠାରୁ ଆରମ୍ଭ କରି ରାଜ କିଶୋର ନାୟକଙ୍କ ପର୍ଯ୍ୟନ୍ତ ତ୍ୟାଗୀ ପୁରୁଷମାନଙ୍କ ଜୀବନୀ ବିଶ୍ଳେଷଣ କଲେ ଏହା ଜଣାପଡେ। ଭାରତ ଭୂମି ଭୋଗର ନୁହେଁ, ଏହା ତ୍ୟାଗ ଓ ସେବାର ବୋଲି ଆମ ଦେଶର ସଂଗ୍ରାମୀମାନେ ବାରମ୍ବାରା ଚେତାଇ ଦେଇ ଯାଇଛନ୍ତି । ଏହାକୁ ଆଦର୍ଶ ଭାବେ ରଖି ବର୍ତ୍ତମାନର ପୀଢି ଆଗେଇଲେ ଦେଶର ଅଭୂତପୂର୍ବ ବିକାଶ ହୋଇପାରିବ । ଭାରତ ଏବେ ପଛରେ ନାହିଁ । ବିଶ୍ୱର ନେତୃତ୍ୱ ନେଉଛି । ଏ ପରିପ୍ରେକ୍ଷୀରେ ବିକାଶର ଧାରା ଠାରୁ ପଛରେ ରହିଥିବା ବ୍ୟକ୍ତି ବିଶେଷଙ୍କୁ ଆଗକୁ ଆଣିବା କ୍ଷେତ୍ରରେ ସମସ୍ତଙ୍କର ସକ୍ରିୟ ସହଯୋଗ ଆବଶ୍ୟକ।

ଏହି ଉତ୍ସବରେ ସ୍ମାରକୀ ବକ୍ତୃତା ପ୍ରଦାନ କରି ସୁପ୍ରିମକୋର୍ଟର ପ୍ରାକ୍ତନ ପ୍ରଧାନ ବିଚାରପତି ଦୀପକ ମିଶ୍ର ମହାତ୍ମା ଗାନ୍ଧୀଙ୍କର ଜୀବନର ବିଶ୍ଳେଷଣ କରି ଭାରତୀୟମାନଙ୍କ ମଧ୍ୟରେ ସୁପ୍ତ ସିଂହର ଶକ୍ତି ଜାଗ୍ରତ କରିବାଲାଗି ଗାନ୍ଧୀଜୀ ତିନିଟି ଉପାୟ ଅବଲମ୍ବନ କରିଥିଲେ ।

# ଚୋରା ନିଶା କାରବାର ବିରୁଦ୍ଧରେ ବିଭାଗର ଅଭିଯାନକୁ ବଡ ସଫଳତା

**ଭୁବନେଶ୍ୱର,(ପିଏନ)-** ରାଜ୍ୟ ଅବକାରୀ ବିଭାଗ ଚୋରା ନିଶା କାରବାର ବିରୁଦ୍ଧରେ ଅଭିଯାନକୁ ଜୋରଦାର କରିଛି ଫ୨୦୨୦ ମସିହାରେ ଚୋରା ନିଶା କାରବାର ଅଭିଯୋଗରେ ୧୭,୯୨୧ ଜଣ ଗିରଫ ହୋଇଥିବାବେଳେ ୨୦୨୨ରେ ତାହା ୪୬ହଜାରକୁ ଟପିଯାଇଛି । ସେହିଭଳି ମାମଲା ସଂଖ୍ୟା ୨୩,୨୧୨ ରୁ ଆସି ୫୭,୯୪୯ରେ ପହଂଚିଛି । ଅବକାରୀ ବିଭାଗର ହିସାବରୁ ଜଣାଯାଇଛି ଯେ ୨୦୨୦ ମସିହାରେ ଚୋରା ନିଶା କାରବାର ଅଭିଯୋଗରେ ୨୩,୨୧୨ଟି ମାମଲା ରୁଜୁ ହୋଇଥିବାବେଳେ ୨୦୨୧ରେ ଏହା ୩୬,୨୯୧ ଏବଂ ୨୦୨୨ରେ ୫୭,୯୪୯ରେ ପହଂଚିଥିଲା । ସେହିଭଳି ଗିରଫଦାରୀ ସଂଖ୍ୟା ଏହି ତିନି ବର୍ଷରେ ଯଥାକ୍ରମେ ୧୭,୯୨୧, ୩୦,୦୬୭ ଏବଂ ୪୬,୮୦୫ରେ ପହଂଚିଛି । ଗତବର୍ଷ କେବଳ ୩୧,୮୬୬ଟି ମାମଲାରେ ଅବକାରୀ ବିଭାଗ ଚାର୍ଜସିଟ ଦାଖଲ କରିଛି । ସେହିଭଳି ଏହି ତିନିବର୍ଷ ମଧ୍ୟରେ ଅବକାରୀ ବିଭାଗ ବିପୁଳ ପରିମାଣର ଭାରତ ତିଆରି ବିଦେଶୀ ମଦ ଜବତ କରିବାରେ ସଫଳ ହୋଇଛନ୍ତି । ୨୦୨୦ ରେ ୬୨୨୮ ଲିଟର ବିଦେଶୀ ମଦ ଜବତ ହୋଇଥିବାବେଳେ ୨୦୨୧ ରେ ୧୮,୭୨୩ ଏବଂ ୨୦୨୨ ରେ ୨୨,୬୮୫ ଲିଟର ଜବତ ହୋଇଥିଲା । ତେବେ ଗତବର୍ଷ ଜବତ ବିଦେଶୀ ମଦ ପରିମାଣ ୨୦୨୦ ଠାରୁ ୨୬୪ ପ୍ରତିଶତ ଅଧିକ ରହିଥିଲା । ସେହିଭଳି ଏହି ତିନି ବର୍ଷ ମଧ୍ୟରେ ଜବତ ହୋଇଥିବା ବିୟର, ଦେଶୀ ମଦ, ଭାଙ୍ଗ, ମଦ ତିଆରି ସାମଗ୍ରୀ ଓ ଟିକସ ଫାଙ୍କି ବିଦେଶୀ ମଦ ପରିମାଣ ବି ବଢି ବଢି ଚାଲିଛି । ୨୦୨୨ରେ ଟିକସଫାଙ୍କି ଅଭିଯୋଗରେ ୧୦,୫୧୭ ଲିଟର ବିଦେଶୀ ମଦ ଜବତ କରିବାରେ ଅବକାରୀ ବିଭାଗ ସଫଳ ହୋଇଥିଲା। ସେହିପରି ୨୦୨୦ ମସିହାରେ ରାଜ୍ୟରେ ୧୬,୭୩୩ କିଲୋ ଗଞ୍ଜେଇ ଜବତ ହୋଇଥିବାବେଳେ ୨୦୨୧ରେ ଏହା ୩୨,୮୭୧ କିଲୋ ଏବଂ ଗତବର୍ଷ ୩୮,୦୩୫ କିଲୋ ଗଞ୍ଜେଇ ଜବତ ହୋଇଥିଲା । ୨୦୨୦ ତୁଳନାରେ ଗତବର୍ଷ ୧୨୭ ପ୍ରତିଶତ ଅଧିକ ଗଞ୍ଜେଇ ଜବତରେ ଅବକାରୀ ବିଭାଗ ସଫଳ ହୋଇଥିଲା। ତେବେ ଅବକାରୀ ବିଭାଗ ପକ୍ଷରୁ ବ୍ରାଉନସୁଗାର କାରବାର ଉପରେ ତୀକ୍ଷ୍ଣ ନଜର ରଖାଯିବା ଫଳରେ ୨୦୨୦ ମସିହାରେ ରାଜ୍ୟରୁ ମାତ୍ର ୧୮୬୩ ଗ୍ରାମ ବ୍ରାଉନସୁଗାର ଜବତ ହୋଇଥିବାବେଳେ ୨୦୨୧ରେ ତାହା ୧୨,୪୯୦ ଗ୍ରାମ ଏବଂ ଗତବର୍ଷ ଏହି ସାମଗ୍ରୀର ଜବତ ପରିମାଣ ୨୮,୭୬୯ଗ୍ରାମରେ ପହଂଚିଥିଲା । ଅନ୍ୟାନ୍ୟ ଚୋରା ନିଶା ସାମଗ୍ରୀ ମଧ୍ୟରେ ଅବକାରୀ ବିଭାଗର ଅଧିକାରୀମାନେ ମୋଲାସେସ, ତାଡି, କଫସିରଫ ଆଦି ଜବତରେ ସଫଳ ହୋଇଛନ୍ତି।

ନିର୍ଦ୍ଦେଶ ମୁତାବକ ସମଗ୍ର ରାଜ୍ୟରେ ଚଢଉ ଜୋରଦାର ଚାଲିଥିବାବେଳେ ଦ୍ୱରିତ ଦଣ୍ଡ ବିଧାନ ଓ ମାମଲା ପରିଚାଳନା ନେଇ ପ୍ରତିମାସରେ ଅବକାରୀ ଅଧିକାରୀମାନଙ୍କୁ ତାଲିମ ପ୍ରଦାନ କରାଯାଉଛି । ଆଗାମୀ ଦିନରେ ନିୟମିତ ଚଢଉ ସହିତ ଚୋରା ନିଶା କରୁଥିବା ଲୋକଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ଜାରି ରଖିବାକୁ କୁହାଯାଇଛି।

# ୨୦୨୨ ବର୍ଷରେ ୨୪୮୮ ଜଣ ପ୍ରାର୍ଥୀଙ୍କୁ ଚୟନ କରିଛି ଓଏସଏସସି

**ଭୁବନେଶ୍ୱର,(ପିଏନ)-** ଓଡ଼ିଶା କର୍ମଚାରୀ ଚୟନ ଆୟୋଗ(ଓଏସ୍ଏସ୍ସି)ଙ୍କ ଦ୍ୱାରା ୨୦୨୨ ବର୍ଷରେ ୫୩ଟି ନିଯୁକ୍ତି ବିଜ୍ଞାପନର ଫଳାଫଳ ଚୁଡ଼ାନ୍ତ ହୋଇ ପ୍ରକାଶିତ ହୋଇଛି। ଏଥି ମଧ୍ୟରେ ୨୦୧୬ ବର୍ଷର ୬ଟି ନିଯୁକ୍ତି ବିଜ୍ଞାପନ, ୨୦୧୭ର ୮ଟି, ୨୦୧୮ର ଦୁଇଟି, ୨୦୧୯ର ୧୬ଟି, ୨୦୨୦ର ତିନୋଟି, ୨୦୨୧ର ୧୪ଟି ଏବଂ ୨୦୨୨ର ଦୁଇଟି ନିଯୁକ୍ତି ବିଜ୍ଞାପନ ରହିଛି । ଏହି ସମସ୍ତ ପ୍ରକ୍ରିୟାରେ ୨୪୮୮ ଜଣ ପ୍ରାର୍ଥୀଙ୍କୁ ଚୟନ କରାଯାଇଛି ବୋଲି ଓଡ଼ିଶା କର୍ମଚାରୀ ଚୟନ ଆୟୋଗଙ୍କ ବାର୍ଷିକ ବିବରଣୀରେ ପ୍ରକାଶ ପାଇଛି ।

ଓଏସ୍ଏସ୍ସିର ସୁପାରିଶ କ୍ରମେ ସରକାର ଛଅଟି ମିଳିତ ନିଯୁକ୍ତି ପରୀକ୍ଷା ସଂପର୍କରେ ସୂଚନା ଦେଇଛନ୍ତି ଏବଂ ଅନ୍ୟ ଏକ ମିଳିତ ପରୀକ୍ଷାର ସୂଚନା ମଧ୍ୟ ଖୁବ୍ଶୀଘ୍ର ସରକାରଙ୍କ ପକ୍ଷରୁ ଦିଆଯିବ। ନଭେମ୍ବର ୨୦୨୨ ଏବଂ ଡିସେମ୍ବର ୨୦୨୨ରେ ପାଂଚଟି ମିଳିତ ନିଯୁକ୍ତି ପରୀକ୍ଷା ପାଇଁ ଆବେଦନ ଆମନ୍ତ୍ରଣ କରାଯାଇଛି।

ଓଏସ୍ଏସ୍ସି ପକ୍ଷରୁ ପ୍ରକାଶିତ ବିବରଣୀରୁ ଜଣାପଡ଼ିଛି ଯେ ୨୦୨୨ ଅଗଷ୍ଟ ମାସ ପରଠାରୁ ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରେ କମ୍ପ୍ୟୁଟରଭିତିକ ପ୍ରାଥମିକ ପରୀକ୍ଷା କରାଯାଉଛି। ପୂର୍ବରୁ ଏହା କେବଳ ପାଂଚ-ଛଅଟି ଜିଲ୍ଲାରେ କରାଯାଉଥିଲା । ପୂର୍ବରୁ ନିଯୁକ୍ତି ପାଇଁ ବିଜ୍ଞାପନ କେବଳ ଇଂରାଜୀରେ ପ୍ରକାଶ ପାଉଥିବାବେଳେ ଏବେ ଓଡ଼ିଆ ଏବଂ ଇଂରାଜୀ ଉଭୟ ଭାଷାରେ ବିସ୍ତୃତ ବିଜ୍ଞାପନ ପ୍ରକାଶିତ ହେଉଛି। ଆବେଦନକାରୀମାନଙ୍କଠାରୁ ଓଡ଼ିଆ କିମ୍ବା ଇଂରାଜୀରେ ପରୀକ୍ଷା ପାଇଁ ବିକଳ୍ପ ନିଆଯାଉଛି ଏବଂ ସେହି ଅନୁସାରେ ୨୦୨୩ ଜାନୁଆରୀରୁ ପ୍ରାର୍ଥୀ ତାଙ୍କ ଇଚ୍ଛା ଅନୁଯାୟୀ ଓଡ଼ିଆ କିମ୍ବା ଇଂରାଜୀ ଭାଷାରେ ପରୀକ୍ଷା ଦେଇପାରିବେ। ୨୦୨୨ ଅଗଷ୍ଟ କିମ୍ବା ପରବର୍ତ୍ତୀ ସମୟରେ ଯେଉଁସବୁ ପରୀକ୍ଷା ପାଇଁ ବିଜ୍ଞାପନ ପ୍ରକାଶିତ ହୋଇଥିଲା, ସେହିସବୁ ପରୀକ୍ଷାରେ ପ୍ରାର୍ଥୀମାନଙ୍କର ନମ୍ବର ତାଙ୍କ ବ୍ୟକ୍ତିଗତ ଅନ୍ଲାଇନ୍ ଆକାଉଂଟ ମାଧ୍ୟମରେ ପଠାଯିବା ନିମନ୍ତେ ନିଷ୍ପତି ନିଆଯାଇଛି। ୨୦୨୩ରେ ସମସ୍ତ କମ୍ପ୍ୟୁଟର ଆଧାରିତ ମୁଖ୍ୟ ପରୀକ୍ଷା ପାଇଁ ପରୀକ୍ଷା କେନ୍ଦ୍ରରେ ଜାମର ଲଗାଯିବା ପାଇଁ ଓଏସ୍ଏସ୍ସି ପକ୍ଷରୁ ନିଷ୍ପତି ନିଆଯାଇଛି। ଓଏସ୍ଏସ୍ସି କାର୍ଯ୍ୟାଳୟ ୟୁନିଟ୍-୨ସ୍ଥିତ ନୂତନ କ୍ୟାମ୍ପସ୍ କୁ ସ୍ଥାନାନ୍ତରିତ କରାଯାଇଛି। ଆବେଦନକାରୀଙ୍କର ସାର୍ଟିଫିକେଟ୍ ଯାଂଚ ନିମନ୍ତେ କାର୍ଯ୍ୟାଳୟ ମଧ୍ୟରେ ଉପଯୁକ୍ତ ଏବଂ ପ୍ରଶସ୍ତ ସ୍ଥାନ ନିର୍ଦ୍ଧାରଣ କରାଯାଇଛି। ନଭେମ୍ବର ୨୦୨୨ ଏବଂ ଡିସେମ୍ବର ୨୦୨୨ରେ ୧୦ଟି ବିଜ୍ଞାପନ ପ୍ରକାଶିତ ହୋଇଥିଲା ଯାହା ପ୍ରାୟ ଦଶ ହଜାର ପୋଷ୍ଟ ପାଇଁ ଆବେଦନକୁ ଆମନ୍ତ୍ରଣ କରିଥିଲା। ଓଏସ୍ଏସ୍ସି ପକ୍ଷରୁ ଏହି ପ୍ରତ୍ୟେକ ନିଯୁକ୍ତିକୁ ୯ ମାସ କିମ୍ବା ତା'ଠାରୁ କମ୍ ସମୟ ମଧ୍ୟରେ ଶେଷ କରିବାକୁ ଯୋଜନା କରାଯାଇଛି।












## ଟି ଟାଇମ୍

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# କାଳୀ ଚରଣ ପଟ୍ଟନାୟକ

ଓଡିଆ ନାଟ୍ୟକାର ଓ କବି ଥିଲେ। ସେ ୧୮୯୭ ଡିସେମ୍ବର ୩ ତାରିଖ, ବକୁଳ ଅମାବାସ୍ୟା ଦିନ ବାଙ୍କୀ ସହର ଉପକଣ୍ଠରେ ଥିବା ଖମାରଙ୍ଗା ଗ୍ରାମରେ ପିତା ଦୁର୍ଗାଚରଣ ପଟ୍ଟନାୟକ ଓ ମାତା ରାଧାମାଳୀ ଦେବୀଙ୍କଠାରୁ ଜନ୍ମ ଗ୍ରହଣ କରିଥିଲେ। ସେ ପିତାମାତାଙ୍କର ଦ୍ୱିତୀୟ ସନ୍ତାନ ଥିଲେ। କାଳୀଚରଣଙ୍କ ପିତା ବଡମ୍ବାଗଡର ଦେବାନ ଥିଲେ। କାଳୀଚରଣ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ ୪ର୍ଥ ଦଶକ ଦେବଲକୁ ସେ ଆଧୁନିକ ମଞ୍ଚ ନାଟକ ଲେଖି ତାହାର ବିପଣନ କରିବା ଆରମ୍ଭ କରିଥିଲେ। ସେଥି ପାଇଁ ୧୯୨୯ ମସିହାରେ "ସାକ୍ଷୀଗୋପାଳନାଟକ ସଂଘ" ଓ ୧୯୩୯ରେ "ଓଡିଶା ଥିଏଟର୍ସ" ନାମରେ ଏକ ରଙ୍ଗମଂଚ ଗଠନ କରି ଓଡିଶା ନାଟକାଭିନୟ ଜଗତର ପ୍ରସାର ଓ ଉନ୍ନତି କରିଥିଲେ। ତାଙ୍କର ଜନପ୍ରିୟ ନଟକ ଗାର୍ଲ ସ୍କୁଲ (୧୯୩୯) ଓଡିଆ ମଞ୍ଚାଭିନୟରେ ନୂତନ ଯୁଗର ଆରମ୍ଭ କରିଥିଲେ। ତାଙ୍କୁ ଆଧୁନିକ ଓଡଆ ନାଟ୍ୟଶାସ୍ତ୍ରର 'ଭରତ ମୁନି' ବୋଲି ମଧ୍ୟ କୁହାଯାଏ। ତାଙ୍କ ପ୍ରଚେଷ୍ଟାରୁ ୧୯୫୮ ମସିହାରେ ଓଡିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଥିଲେ। ସେଥି ପାଇଁ ସମସ୍ତ ଓଡିଶୀ ନାଟ୍ୟଗୁରୁ ଓ ନୃତ୍ୟଶିଳ୍ପୀମାନେ ତାଙ୍କୁ ମନେ ରଖିଛନ୍ତି। କାଳୀଚରଣ ତାଙ୍କର ପ୍ରାଥମିକ ଶିକ୍ଷା ଚର୍ଚ୍ଚିକା ପ୍ରାଥମିକ ବିଦ୍ୟାଳୟରେ ସମ୍ପନ୍ନ କରି ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟରେ ମାଟ୍ରିକ ପଢ଼ିଥିଲେ। କଟକର ରେଭେନ୍ସା କଲେଜରୁ ସେ ଉଚ୍ଚତର ଶିକ୍ଷା ଗ୍ରହଣ କରିଥିଲେ। ଖୋର୍ଦ୍ଧା ସ୍କୁଲରେ ପଢୁଥିବା ସମୟରେ ସଙ୍ଗୀତ ନାଟକ ପ୍ରତି ଆସକ୍ତ କଳୀଚରଣ ପ୍ରଥମ ସଙ୍ଗୀତଜ୍ଞ ବାସୁଦେବ ମହାପାତ୍ର ଓ ପରେ ଓସ୍ତାଦ୍ ଖାନୁ ଖାଁ, ବନୱାରୀ ମିଶ୍ରଙ୍କ ଭଳି ବିଶାରଦଙ୍କଠାରୁ ଶାସ୍ତ୍ରୀୟ ସଂଗୀତ ଶିକ୍ଷା କରିଥିଲେ। ବାଙ୍କୀର ମହାପର୍ବତ ଦେଖି ମହାପର୍ବତ ନାମକ ଖଣ୍ଡକାବ୍ୟ ଓ କଳଙ୍କ ଭଂଜନମାଳା ନାଟକ ରଚନା କରିବା ପରେ ଶିକ୍ଷକ ପଣ୍ଡିତ କୃପାସିନ୍ଧୁ ହୋତାଙ୍କ ପ୍ରକୃତି ବର୍ଣ୍ଣନା ପାଇଁ ଉପଦେଶ ତାଙ୍କର ରଚନାତ୍ମକ ଦୃଷ୍ଟିଭଙ୍ଗୀରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଥିଲା। ଗୋବିନ୍ଦଚନ୍ଦ୍ର ଶୂଦଦେଓଙ୍କ ସମ୍ପର୍କରେ ଆସି ତାଙ୍କର ନାଟକ ସୁଲଭତା ବିକଶିତ ହୋଇଥିଲା। ୧୯୧୮ ମସିହାରେ ଆଇ.ଏ ପଢ଼ିବାବେଳେ ସେ ପ୍ରଥମ ନାଟକ ଧ୍ରୁବ ରଚନା କରିଥିଲେ ମଧ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା ୧୯୩୪ ମସିହାରେ ରଚିତ ପ୍ରତିଶୋଧ। ପ୍ରାୟ ୪୦ ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଯାଇଛନ୍ତି ବହୁ ନୃତ ନାଟିକା, କାବ୍ୟ ନାଟିକା, ଗଳ୍ପ, ଉପନ୍ୟାସ, କବିତା ଆଦି ଅନେକ ଅନବଦ୍ୟ କୃତି।


# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ପୁରାଣ କାହାଣୀ

# ପଂଚବଟୀ ରେ ରାମଚନ୍ଦ୍ର

ଭାରତ ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ। ମାତ୍ର ରାମ ଭରତଙ୍କ ଅନୁରୋଧ ପ୍ରତ୍ୟାଖାନା କରିଥିଲେ। ରାମ, ସୀତା ଏବଂ ଲକ୍ଷ୍ମଣ ଏହି ବନବାସ ସମୟରେ ଗୋଦାବରୀ ନାଦୀ ତଟରେ ଗମନ କରି ପଞ୍ଚବଟୀ ଠାରେ ଏକ କୁଟୁର ନିର୍ମାଣ କରି ଅବସ୍ଥାନ କଲେ। ସେହି ସମୟରେ ଋଷିମୁନିମାନଙ୍କର ଅନୁରୋଧ କ୍ରମେ ସେମାନେ ଅନେକ ରାକ୍ଷ କୁ ବଧ କରିଥିଲେ। ବିରାଧ ରାକ୍ଷସ ଏମାନଙ୍କ ମଧ୍ୟରେ ପ୍ରଥମ ଥିଲା।



# ପତ୍ନୀ ଛାଡ଼ି ପଳାଇଲେ ଉପହାରରେ ମିଳୁଛି ଅବିବାହିତ ଝିଅ

ବେଜିଂ ଯଦି କୌଣସି ବ୍ୟକ୍ତିଙ୍କ ପତ୍ନୀ ତାଙ୍କୁ ଛାଡି ଅନ୍ୟ କାହା ସହ ଫେରାର ହୋଇଥାନ୍ତି ତେବେ ଏନେଇ ସ୍ୱାମୀଙ୍କୁ ଚିନ୍ତା କରିବାର ଆଉ ଆବଶ୍ୟକତା ନାହିଁ। କାରଣ ଏଭଳି ସ୍ୱାମୀଙ୍କୁ ଉପହାରରେ ଦିଆଯାଉଛି ଅବିବାହିତ ଝିଅ। ତା' ପୁଣି ପତ୍ନୀ ଛାଡି ପଳାଇବାର ୧ ବର୍ଷ ଭିତରେ। ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଏହି ଅଫର ଦେଇଛି। ସୋସିଆଲ ମିଡିଆରେ ପ୍ରକାଶିତ ଖବର ଅନୁସାରେ ଚୀନର ଏକ ମ୍ୟାରେଜ



ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଉଲ୍ଲେଖ କରିଛି ଯେ ଯଦି କୌଣସି ଚୀନର ବ୍ୟକ୍ତି ଭିଏତନାମର ମହିଳାଙ୍କୁ ବିବାହ କରିଛନ୍ତି ଏବଂ ଏହି ମହିଳା ତାଙ୍କୁ ଛାଡି ଅନ୍ୟତ୍ର ଘର ବସାଉଛନ୍ତି ତେବେ ଏହାର ପ୍ରତିବଦଳରେ ଉକ୍ତ ବ୍ୟକ୍ତିଙ୍କୁ ଭିଏତ୍ନାମର ଜଣେ ଅବିବାହିତା କନ୍ୟାଙ୍କୁ ମାଗଣାରେ ବିବାହ କରିବାର ସୁବିଧା ପ୍ରଦାନ କରାଯିବ। ୧ବର୍ଷ ଭିତରେ ଏହି ସୁବିଧା ପ୍ରଦାନ କରାଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି।

# ସଉକ ପୂରା କରିବା ପାଇଁ ବିକିଦେଲେ ସମସ୍ତ ସମ୍ପତି

ଟେକ୍ସାସ୍ ସାଧାରଣତଃ ନିଜ ଘର ଓ ପରିବାରର ଆବଶ୍ୟକତା ପାଇଁ ଲୋକେ ଅର୍ଥ ସଂଚୟ କରିଥାନ୍ତି। ହେଲେ ଟେକସାସ୍ରେ ରହୁଥିବା ଜଣେ ଦମ୍ପତି ନିଜର ଭ୍ରମଣ ସଉକ ପୂରା କରିବା ପାଇଁ ନିଜ ଘର ସହ ସମସ୍ତ ସମ୍ପତ୍ତିକୁ ବିକ୍ରି କରିଦେଇଛନ୍ତି। ଏହି ଦମ୍ପତିଙ୍କର ମଧ୍ୟ ୫ଟି ସନ୍ତାନ ଅଛି। ଏହି ସ୍ୱାମୀ ସ୍ତ୍ରୀ ଜଣଙ୍କ ହେଉଛନ୍ତି ଷ୍ଟିଫେନ୍ ଏବଂ ଜୋର୍ଡାନ୍। ବର୍ତ୍ତମାନ ସେମାନେ ତୁର୍କୀ ଓ ଅଷ୍ଟ୍ରେଲିଆ ଟୁର୍



କରି ଫେରିଥିଲା ବେଳେ ଖୁବ୍ ଶୀଘ୍ର ଆଣ୍ଟାର୍କଟିକା, ନ୍ୟୁଜଲାଣ୍ଡ ଗସ୍ତରେ ଯିବାର ଯୋଜନାରେ ଅଛନ୍ତି। ପେଶାରେ ୱେବ ଡିଜାଇନର ଥିବା ଷ୍ଟିଫେନ୍ କୁହନ୍ତି ଯେ ମୋ ସ୍ୱାମୀ ଜୋଡାନ୍ଙ୍କର ଭ୍ରମଣ କରିବାର ବଡ଼ ସଉକ ରହିଛି। ସେ ମୋ ସହ ପିଲାମାନଙ୍କୁ ନେଇ ବିଭିନ୍ନ ଦେଶ ଭ୍ରମଣ କରୁଛନ୍ତି। ଏଥିପାଇଁ ଆମେ ଆମର ଘର ଓ ସମସ୍ତ ସମ୍ପତ୍ତି ବିକ୍ରି କରିଦେଇଛୁ। ତେବେ ଭ୍ରମଣ ପରେ ପୁଣି ଥରେ ନୂଆ ଘର ବସାଇବା ଯଦିଓ କଷ୍ଟକର ତଥାପି ଭ୍ରମଣ ସାରିବା ପରେ ହିଁ ଆମେ ଏ ସମ୍ପର୍କରେ ନିଷ୍ପତ୍ତି ନେଉ। ବିଶ୍ୱ ଭ୍ରମଣ ଦ୍ୱାରା ନୂଆ ଭାଷା, ନୂଆ ସଂସ୍କୃତି ସହ ଆମେ ଅବଗତ ହୋଇପାରୁଛୁ।

# ମହିଳା ଚପଲ ଉଠାଇବାରୁ ପଳାଇଲା କୁମ୍ଭୀର

ସିଡନୀ କୁମ୍ଭୀରଟିଏ ଦେଖିଲେ ଯେକୌଣସି ବ୍ୟକ୍ତିର ମନରେ ଭୟ ସୃଷ୍ଟି ହେବା ସ୍ୱାଭାବିକ। ହେଲେ ଅଷ୍ଟ୍ରେଲିଆର କକାଡୁ ନ୍ୟାସନାଲ ପାର୍କରେ ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଛି। ଯେତେବେଳେ ଜଣେ ମହିଳା ଆକ୍ରମଣାତ୍ମକ ଆଭିମୁଖ୍ୟ ରଖିଥିବା ଏକ କୁମ୍ଭୀରକୁ ଚପଲ ଦେଖାଇଲେ ସେତେବେଳେ କୁମ୍ଭୀରଟି ହ୍ରଦ ଭିତରକୁ ପଳାଇଥିଲା। ମହିଳା ଜଣଙ୍କ ପାର୍କରେ ନିଜ କୁକୁର ସହ ବୁଲୁଥିଲା ବେଳେ ପାଖରେ ଥିବା



ଏକ ହ୍ରଦରୁ କିଛି କୁମ୍ଭୀର ତାଙ୍କୁ ଦେଖିବା ସହ ଆକ୍ରମଣ କରିବାର ପରିସ୍ଥିତିକୁ ଆସିଥିଲେ। ଏହାଦେଖି ମହିଳା ଜଣଙ୍କ ବିନା ଡରରେ ଚପଲ ଉଠାଇ ମାରିବାକୁ ଗୋଡାଇଥିଲେ କୁମ୍ଭୀରମାନଙ୍କୁ। ଆଉ କୁମ୍ଭୀରମାନେ ପଳାଇଥିଲେ ହ୍ରଦ ଭିତରକୁ। ଏହି ଘଟଣାଟି ପାର୍କରେ ଲାଗିଥିବା ସିସି ଟିଭି କ୍ୟାମେରାରେ କଏଦ ହୋଇଯାଇଥିଲା। ବର୍ତ୍ତମାନ ଏହି ଭିଡିଓ ସୋସିଆଲ ମିଡିଆରେ ବଡ଼ ଭାଇରାଲ ହୋଇଛି।

# ଚା'ପତି ବଦଳରେ କୀଟନାଶକ, ୨ମୃତ



ଭଭୁଆ ବିହାରର କେମୁ ଜିଲା କୁଡନି ଥାନାରେ ବିଷାକ୍ତ ଚା' ପିଇ ଦୁଇ ମହିଳାଙ୍କ ମୃତ୍ୟୁ ସହ ୬ଜଣ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେବା ଘଟଣାରେ ପ୍ରକୃତ ତଥ୍ୟ ପଦାକୁ ଆସିଛି। ଚା' ତିଆରି ସମୟରେ ଭୁଲ ବଶତଃ ଚା' ପତି ବଦଳରେ ପକାଯାଇଥିଲା କୀଟନାଶକ। ପୁଲିସର କହିବା ଅନୁସାରେ ସୋତବା ଗ୍ରାମର ଦଶବନ୍ତି ଦେବୀଙ୍କ ଘରକୁ ସୋମବାର କିଛି ଅତିଥି ଆସିଥିଲେ। ରାତ୍ର ଭୋଜନ ସରିବା ପରେ ସମସ୍ତଙ୍କ ପାଇଁ ଚା' ତିଆରି ହୋଇଥିଲା। ହେଲେ ରୋଷେଇ ଘରେ ଥିବା କୀଟନାଶକକୁ ଚା' ପତି ଭାବି ଜଣେ ମହିଳା ପକାଇ ଦେଇଥିଲେ। ଆଉ ଏହା ପିଇବା ପରେ ବିଳମ୍ବିତ ରାତିରେ ଦଶବନ୍ତି ଓ ତାଙ୍କ ଝିଅ ସୀତା କୁଅଁରଙ୍କ ମୃତ୍ୟୁ ହୋଇଥିଲା।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୱ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

# କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ରାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

# ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୩, ଜାନୁଆରୀ ୦୫

## ସଦାଚାର ଓ ତ୍ୟାଗ

ଯେଉଁ ବ୍ୟକ୍ତି ଦାନ, ସଦାଚାର ସମବେଦନା, ତ୍ୟାଗ ବୃଦ୍ଧି ଓ ଉଚ୍ଚତମ ନୈତିକତା ପ୍ରଭୃତି ସଦ୍‌ଗୁଣ ଆହରଣ କରନ୍ତି ନାହିଁ ଏବଂ ମନ୍ଦ ବୁଦ୍ଧିରେ ପଡ଼ି ଦୁଷ୍କର୍ମମାନ କରନ୍ତି ସେ ଇହ ତଥା ପରଲୋକରେ ମଧ୍ୟ ସୁଖ ଶାନ୍ତି ପାଆନ୍ତି ନାହିଁ। ଯେଉଁ ବ୍ୟକ୍ତି ମାଆକୁ ଭକ୍ତି କରନ୍ତି ଓ ନିଜକୁ ତା'ର ସେବାରେ ଲଗାନ୍ତି ସେ ସମସ୍ତ ପାପରୁ ମୁକ୍ତି ପାଆନ୍ତି। ଭଗବାନ ଶିବ ସ୍ୱୟଂ କୃପା ବର୍ଷଣ କରି ସେ ବ୍ୟକ୍ତିଙ୍କୁ ସମସ୍ତ ଦୁଃଖ ଓ ଯାତନାରୁ ମୁକ୍ତି ଦିଅନ୍ତି।

ମଣିଷକୁ ଦିଆଯାଇଥିବା କର୍ତ୍ତବ୍ୟ ଭିତରୁ ସର୍ବପ୍ରଧାନ କର୍ତ୍ତବ୍ୟ ହେଉଛି ମାଆକୁ ଭକ୍ତି ଓ ସମ୍ମାନ ଦେଖାଇବା। ଯେଉଁ ମା' ଆମକୁ ନଅ ମାସ ପର୍ଯ୍ୟନ୍ତ ଧାରଣ କଲା, ଯିଏ ଆମକୁ ଜନ୍ମ ଦେଲା, ଯିଏ ଆମକୁ ଆଶ୍ରୟ ଓ ସୁରକ୍ଷା ପ୍ରଦାନ କଲା, ତାକୁ ଯଦି ଆମେ ଭକ୍ତି ଓ ମର୍ଯ୍ୟାଦା ଦେଇ ନପାରିଲେ, ଏ ସଂସାରରେ ଆଉ କିଏ ଭକ୍ତି ପାଇବାର ଯୋଗ୍ୟ ହେବ? ଯେଉଁ ଭଗବତ ତତ୍ତ୍ୱ ଏ ସମଗ୍ର ବିଶ୍ୱର ସୃଷ୍ଟିକର୍ତ୍ତା, ପାଳନକର୍ତ୍ତା ଏବଂ ଜୀବଜଗତର ପ୍ରୟୋଜନ ସମସ୍ତ ପଦାର୍ଥ ଯୋଗାଇ ଦେବାକୁ ସମର୍ଥ, ସେହି ଭଗବତ ତତ୍ତ୍ୱ ସହ ମାତୃତତ୍ତ୍ୱ ଅତି ନିବିଡ଼ ଭାବେ ସମ୍ପୃକ୍ତ। ଅତି ଉଦାରତା ଓ ସହୃଦୟତାର ସହ ଆମେ ଏହି ବିଷୟଟିକୁ ଗ୍ରହଣ କରିବା ଉଚିତ। ତୁମେ ଯଦି ତୁମ ନିଜ ମାଆକୁ ଜଣେ ଦେବୀ ଦୃଷ୍ଟିରେ ଦେଖି ଅନ୍ୟମାନଙ୍କ ମାଆକୁ ସେଭଳି ଭାବେ ନ ଦେଖ, ତେବେ ତାହା ଏକ ଗୁରୁତର ଭୁଲ ହେବ। ଆମକୁ ଏକଥା ମଧ୍ୟ ବୁଝିବାକୁ ପଡ଼ିବ ଯେ, ଯଦି ଆମେ ଆମ ନିଜ ମାଆଙ୍କ ସ୍ନେହ ଉପଭୋଗ କରିବାର ସୌଭାଗ୍ୟ ଅର୍ଜନ କରି ନପାରିଲୁ, ତେବେ ଆମେ ଭଗବାନଙ୍କ ଅପାର ସ୍ନେହ କଦାପି ଲାଭ କରିପାରିବୁ ନାହିଁ। ଯେଉଁ ମାଆ ତା'ର ସନ୍ତାନକୁ ନଅ ମାସ ଧରି ଗର୍ଭରେ ସ୍ଥାନ ଦେଲା, ପିଲାକୁ ବଢ଼ାଇବା ସମୟତକ ସେ ଯେଉଁ କଷ୍ଟ ଓ ଅସୁବିଧାମାନ ବରଣ କଲା, ସେଇ ମାଆ ହିଁ ସୁରକ୍ଷା ପାଇବା ପାଇଁ ହକ୍‌ଦାର। ଏହି ପ୍ରଧାନ କର୍ତ୍ତବ୍ୟଟିକୁ କେହି କେବେ ଭୁଲିଯିବା ଠିକ ନୁହେଁ।

ଆମ ମାଆ ପ୍ରକୃତରେ ଦୁର୍ଗା, ଲକ୍ଷ୍ମୀ ଓ ସରସ୍ୱତୀଙ୍କର ସାକାର ପ୍ରତୀକ। ସେ ଆମକୁ ସମସ୍ତ ପ୍ରକାର ଶକ୍ତି ଓ କ୍ଷମତା ପ୍ରଦାନ କରନ୍ତି। ସେ ଆମକୁ ସବୁ ପ୍ରକାର ସମ୍ପତ୍ତି ଦେଇଥା'ନ୍ତି ଏବଂ ଆମର ଅଭିବୃଦ୍ଧି ଓ ସମୃଦ୍ଧିରେ ସାହାଯ୍ୟ କରିଥାନ୍ତି। ପିଲା ତା'ର ଶିକ୍ଷାଦୀକ୍ଷା ଦ୍ୱାରା ସୁନାମ ଓ ସୁଖ୍ୟାତି ଅର୍ଜନ କରୁ, ଏଥିପାଇଁ ମାଆ ବହୁ ଆକାଂକ୍ଷା ପୋଷଣ କରିଥା'ନ୍ତି। ଏହି ତିନିଟିଯାକ ଦିବ୍ୟ ତତ୍ତ୍ୱ ଆସି ଆମ ନିଜ ମାଆଙ୍କଠାରେ ଏକାଠି ହୋଇଯାଇଛି। ସମସ୍ତ ଶାସ୍ତ୍ର ପୁରାଣ ସବୁଠାରୁ ବଡ଼ ସତ୍ୟ ବିଷୟରେ ଏହି କଥା କହିଛନ୍ତି ଯେ ତୁମେ ସଦା ଯାହା ଆଶା କରିଛ, ସେସବୁ କେବଳ ମାତୃଶକ୍ତିରୁ ହିଁ ତୁମେ ହାସଲ କରିପାରିବ।

## ସନ୍ତୋଷ

ଆଜିର ଦୁନିଆରେ ସତରେ କ'ଣ ସମସ୍ତେ ସନ୍ତୋଷ ପାଉଛନ୍ତି? ବ୍ୟକ୍ତିତ୍ୱ ଅଛି, ପ୍ରତିପତ୍ତି ଅଛି, ଅର୍ଥବଳ ଓ ବାହୁବଳ ବି ଅଛି, କିନ୍ତୁ ଏସବୁ ଭିତରେ ଆମେ ସମସ୍ତେ ସତରେ କ'ଣ ଆତ୍ମସନ୍ତୋଷ ପାଇପାରୁଛେ? ଏକ ଆଧ୍ୟାତ୍ମିକ ପତ୍ରିକା ପଢ଼ିଲାବେଳେ ଦୁଇଧାଡ଼ି ଲେଖିବା ପାଇଁ ମନେକରୁଛି। ଗୋଟିଏ ଦେଶର ରାଜା ଥରେ ତାଙ୍କ ପଡ଼ୋଶୀ ରାଜ୍ୟକୁ ଆକ୍ରମଣ କରି ନିଜ କରାୟତ କରିବା ପାଇଁ ସୈନ୍ୟସାମନ୍ତଙ୍କୁ ଧରି ଯୁଦ୍ଧଯାତ୍ରା କରିବାକୁ ବାହାରିଥା'ନ୍ତି। ନିଜ ରାଜ୍ୟର ବରଫାବୃତ ଅଞ୍ଚଳ ଦେଇ ଯାଉଥିବା ସମୟରେ ବାଟରେ ଦେଖିଲେ, ଜଣେ ନଗ୍ନ ଶରୀର ବୃଦ୍ଧ ଦୁଇ ଆଣ୍ଠୁ ଭିତରେ ମୁଣ୍ଡକୁ ପୋତି ବସିଛନ୍ତି। ପ୍ରବଳ ଥଣ୍ଡା କବଳରୁ ନିଜକୁ ରକ୍ଷାକରିବା ପାଇଁ ତାଙ୍କ ପାଖରେ ଆଉ କୌଣସି ଉପାୟ ନଥିଲା ପରି ଜଣାପଡୁଥିଲା। ରାଜା ଏ ଦୃଶ୍ୟରେ ବିଗଳିତ ହୋଇପଡ଼ିଲେ ଏବଂ ନିଜ ଗରମ କୋଟ ଓ ଚଦର କାଢ଼ି ସେ ସନ୍ନ୍ୟାସୀଙ୍କୁ ଦାନ କରିବାକୁ ଇଚ୍ଛା କଲେ। ସନ୍ନ୍ୟାସୀ ରାଜାଙ୍କର ଏ ପ୍ରସ୍ତାବ ଶୁଣି ରାଜାଙ୍କୁ କହିଲେ, "ଭଗବାନ ମୋତେ ଯାହା ଦେଇଛନ୍ତି, ସେତକ ମୋ' ପାଇଁ ଯଥେଷ୍ଟ। ଆପଣ ମୋତେ ଯାହା ଦେବାକୁ ଚାହୁଁଛନ୍ତି ବରଂ କୌଣସି ଦରିଦ୍ରକୁ ଦେଲେ ଭଲ ହୁଅନ୍ତା।" ସନ୍ନ୍ୟାସୀଙ୍କ ଏକଥା ଶୁଣି ରାଜା ଆଶ୍ଚର୍ଯ୍ୟ ହେଲେ ଏବଂ ପଚାରିଲେ, "ଭଗବାନ ଆପଣଙ୍କୁ ଦେଇଥିବା ପୋଷାକ କାହିଁ?" ସନ୍ନ୍ୟାସୀ ସଙ୍ଗେ ସଙ୍ଗେ ଆନନ୍ଦର ସହ ଉତ୍ତର ଦେଲେ, "ଏଇ ପରା ମୁଁ ପିନ୍ଧିଛି। ଭଗବାନ ନିଜେ ଏହାକୁ ମୋ' ପାଇଁ ତିଆରି କରିଛନ୍ତି। ଜନ୍ମରୁ ପିନ୍ଧିଛି ଯେ ଆରପାରିକୁ ଯିବା ପର୍ଯ୍ୟନ୍ତ ପିନ୍ଧିଥିବି। ଦରିଦ୍ର ବା ଭିକ୍ଷୁକ କେହି ଆପଣଙ୍କର ଏ ଚଦର ଓ କୋଟ ପାଇଲେ ବରଂ ଖୁସି ହେବେ।"

ଏହା ଶୁଣି ରାଜା ଏଥର ହସିଲେ। ମନେ ମନେ ଭାବିଲେ, 'ଏହାଙ୍କଠାରୁ ବେଶୀ ଗରୀବ କ'ଣ ଆଉ କେହି ଥାଇପାରେ!' ଏହା ଭାବି ସେ ସନ୍ନ୍ୟାସୀଙ୍କୁ ପଚାରିଲେ, 'ମୁଁ ବର୍ତ୍ତମାନ ଜଣେ ଦରିଦ୍ର କେଉଁଠୁ ପାଇବି ଯେ ଏସବୁ ତାକୁ ଦାନ କରିବି?'

ସନ୍ନ୍ୟାସୀ ଜଣକ କିଛି ସମୟ ନୀରବ ରହି କହିଲେ, 'ଆପଣ ଏବେ କୁଆଡ଼େ ଯାଉଛନ୍ତି ଓ କାହିଁକି ଯାଉଛନ୍ତି? ରାଜା-ମୁଁ ମୋ ପାଖ ରାଜ୍ୟକୁ ଆକ୍ରମଣ କରି ମୋ ରାଜ୍ୟରେ ମିଶାଇବା ଆଶାରେ ଯୁଦ୍ଧଯାତ୍ରା କରୁଛି। ମୋ ସୈନ୍ୟମାନେ ଆଗରେ ଗଲେଣି। ଏଥର ସନ୍ନ୍ୟାସୀ ଟିକେ ମୁରୁକି ହସି କହିଲେ, "ରାଜା, ଭଗବାନ ଆପଣଙ୍କୁ ଯେଉଁ ରାଜ୍ୟ ଦେଇଛନ୍ତି, ସେଥିରେ ସନ୍ତୁଷ୍ଟ ନ ହୋଇ, ଆଉ କିଛି ବର୍ଗ ମାଇଲ ଜାଗାକୁ ଅକ୍ତିଆର କରିବା ପାଇଁ କେତେ ସୈନ୍ୟଙ୍କ ଜୀବନ ତଥା ନିଜ ଜୀବନକୁ ବିପନ୍ନ କରିବାକୁ ଯିଏ ପଛାଏ ନାହିଁ, ସେ ନିଜେ ମୋ'ଠାରୁ ଅନ୍ତତଃପକ୍ଷେ ଗରୀବ। ତେଣୁ ଏ କୋଟ ଓ ଚଦର ମୁଁ ଏବେ ଆପଣଙ୍କୁ ଦେଉଛି।"

ରାଜା ଏଥିରେ ବଡ଼ ଅପମାନିତ ହେଲେ ଏବଂ ସଂସାରର ଅଳିକତା ଓ ସୁନାମ ଓ ସୁଖ୍ୟାତି କେତେ କ୍ଷଣିକ ସେ କଥା ହେଜି ବସିଲେ। ସନ୍ନ୍ୟାସୀଙ୍କୁ ପ୍ରଣାମ କରି, ତାଙ୍କ ଆଖି ଖୋଲି ଦେଇଥିବା ଯୋଗୁଁ ଅଶେଷ ଧନ୍ୟବାଦ ଜଣାଇ, ସୈନ୍ୟସାମନ୍ତ ଫେରାଇନେଇ ରାଜା ନିଜ ରାଜଧାନୀକୁ ଫେରିଗଲେ। ସେ ଉପଲବ୍ଧି କଲେ ଯେ ପ୍ରକୃତରେ ତାଙ୍କର ଦାରିଦ୍ର୍ୟ ହିଁ ଅସୀମ।

ସନ୍ତୋଷ ହିଁ ସବୁଠାରୁ ବଡ଼ ମୂଲ୍ୟବାନ ସମ୍ପଦ। ମହାତ୍ମାମାନଙ୍କର ପଦେ ପଦେ କଥା ଓ କାମ ସଂସାରରେ ଜ୍ଞାନାଲୋକ ପ୍ରସାର କରିଥାଏ।

**ରାଜକିଶୋର ମିଶ୍ର**, ପୂର୍ବତନ ସମ୍ପାଦକ, ଶ୍ରୀସତ୍ୟସାଇ ବିଦ୍ୟାଳୟ, କଳାବିକାଶ କେନ୍ଦ୍ର ମାର୍ଗ, କଟକ, ଦୂରଭାଷ : ୭୦୦୮୧୮୧୮୨୦

## ଆଜିର ଅନୁଚିନ୍ତା

*ଶରୀର ନଶ୍ୱର ହେଲେ ମଧ୍ୟ ଦିବ୍ୟଜ୍ଞାନର ସାଧନ ହେତୁ ସମ୍ପୂର୍ଣ୍ଣ ତ୍ୟାଜ୍ୟ ନୁହେଁ।*

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ନୂଆ ଓଡ଼ିଶାର ନିଅଁ

••••••••••••••ବାଦଲ ଭୂୟାଁ••••••••••••••

ଓଡ଼ିଶା ସରକାରଙ୍କ କ୍ୟାଲେଣ୍ଡରରେ ୨୦୨୨ ବେଶ ଚଳଚଞ୍ଚଳ ଆଉ ଉଲ୍ଲେଖନୀୟ ଥିଲା। କରୋନା ଶିକୁଳି ଛିଣ୍ଡାଇବା ପରେ ଏହି ବର୍ଷ ହିଁ ପଡ଼ିଥିଲା ନୂଆ ଓଡ଼ିଶାର ନିଅଁ। ବିକାଶର ବ୍ଲୁ ପ୍ରିଣ୍ଟ ଓହ୍ଲାଇଥିଲା କ୍ଷେତ୍ରକୁ। ରାଜ୍ୟକୁ ଛୁଟିଥିଲା ନିବେଶର ସୁଅ, ଖାସ ସେଥିପାଇଁ ଦୀର୍ଘ ଦଶନ୍ଧି ପରେ ମୁଖ୍ୟମନ୍ତ୍ରୀ ଗସ୍ତ କରିଥିଲେ ବିଦେଶ। ଯୁବପିଢ଼ିଙ୍କ ପାଇଁ ଖୋଲିଥିଲା ନିଯୁକ୍ତିର ଦ୍ୱାର, ସୃଷ୍ଟି ହୋଇଥିଲା ରୋଜଗାରର ସୁଯୋଗ। ଶେଷ ହେଲା ଅଭିଶପ୍ତ ଠିକା ନିଯୁକ୍ତିର ଯୁଗ। ୫ଟି ଚିନ୍ତାଧାରାରେ କେଉଁଟି ପର୍ଯ୍ୟଟନର ନବକଳେବର କାର୍ଯ୍ୟ ହାତକୁ ନିଆଯାଇଛି, ଆଉ କେଉଁଠି ସ୍କୁଲ ହୋଇଛି ସ୍ମାର୍ଟ। ମହିଳା ସଶକ୍ତିକରଣ ଦିଗରେ ଓଡ଼ିଶା ଛିଡ଼ା କରିଛି ବିଶ୍ୱସ୍ତରୀୟ ମଡ଼େଲ। ଓଡ଼ିଶାର ଖାଦ୍ୟ ସୁରକ୍ଷା ଯୋଜନାକୁ ସାଲ୍ୟୁଟ କରିଛି ବିଶ୍ୱ। କୃଷିର ବିକାଶ ପାଇଁ ମାଳମାଳ ସେଚ ପ୍ରକଳ୍ପର ବର୍ଷା କରିଛନ୍ତି ରାଜ୍ୟ ସରକାର। ମାଣ୍ଡିଆକୁ ବିଶ୍ୱଦରବାରରେ ପହଞ୍ଚାଇ ଓଡ଼ିଶା ଲେଖିଛି ନୂଆ ଇତିହାସ। ଆହୁରି ସୁଦୃଢ଼ ହୋଇଛି ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ବ୍ୟବସ୍ଥା। ଜଳବାୟୁ ପରିବର୍ତ୍ତନ ମୁକାବିଲା ପାଇଁ ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ସରକାର ଆଣିଛନ୍ତି ୧୦ ବର୍ଷିଆ ଆକ୍ସନ ପ୍ଲାନ। ଓଡ଼ିଶାକୁ କ୍ରୀଡ଼ାର ହବ୍ ରୂପ ଦେବାକୁ ବର୍ଷ ତମାମ ଧାଇଁଥିଲା ରାଜ୍ୟ ପ୍ରଶାସନ। ବାଲେଶ୍ୱର, ବାରିପଦା, ବରଗଡ଼, କୋଟିଆ, ଜଗତସିଂହପୁର, କେନ୍ଦ୍ରାପଡ଼ା, ସମ୍ବଲପୁରର ବିକାଶ ପାଇଁ ପ୍ୟାକେଜ ବର୍ଷା ହୋଇଥିଲା। ପଡ଼ିଥିଲା ଆଧୁନିକ ଓଡ଼ିଶା ନିର୍ମାଣର ଭିତ୍ତିପ୍ରସ୍ତର।

**କ୍ରୀଡ଼ା ହବ୍:** ଖେଳକୁଦରେ ପଛରେ ପଡ଼ିଥିବା ଓଡ଼ିଶାର ଆଜି କ୍ରୀଡ଼ାର ହବ ପାଲଟିଛି। ସାରା ବିଶ୍ୱରେ ହକିର ନେତୃତ୍ୱ ନେବାକୁ ଓଡ଼ିଶା ପ୍ରସ୍ତୁତ ହେଉଛି। ଏ ଦିଗରେ ଚଳିତବର୍ଷ ବ୍ୟାପକ ପଦକ୍ଷେପ ନିଆଯାଇଛି।

**ମୁଖ୍ୟମନ୍ତ୍ରୀଙ୍କୁ ଜୀବନବ୍ୟାପୀ ସାଧନା ପୁରସ୍କାର:** ୨୨ବର୍ଷ ଧରି ଓଡ଼ିଶାର ଶାସନ ଭାର ସମ୍ଭାଳିଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଜୀବନବ୍ୟାପୀ ସାଧନା ପୁରସ୍କାର (ଲାଇଫ ଟାଇମ ଆଚିଭମେଣ୍ଟ ଆୱାର୍ଡ଼)ରେ ସମ୍ମାନିତ କରାଗଲା।

**ମେକ ଇନ ଓଡ଼ିଶାରେ ନିବେଶ ବର୍ଷା:** ଚଳିତ ବର୍ଷ ମେକ ଇନ ଓଡ଼ିଶା ସମ୍ମିଳନୀକୁ ମିଳିଥିଲା ବ୍ୟାପକ ସଫଳତା। ମେକ ଇନ ଓଡ଼ିଶା ୩ୟ ସଂସ୍କରଣ ସମ୍ମିଳନୀରେ ୧୦.୫ ଲକ୍ଷ କୋଟିରୁ ଅଧିକ ଟଙ୍କାର ନିବେଶ ପ୍ରସ୍ତାବ ଆସିଥିବାବେଳେ ୧୦.୩୮ ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ଏହାପୂର୍ବରୁ ମୁଖ୍ୟମନ୍ତ୍ରୀ ଦୁବାଇ, ହାଇଦ୍ରାବାଦ, ଦିଲ୍ଲୀ, ବାଙ୍ଗାଲୋର, ମୁମ୍ବାଇରେ ନିବେଶକଙ୍କ ସହ ସମ୍ମିଳନୀ କରିଥିଲେ। ଚଳିତବର୍ଷ ନୂଆ ଶିଳ୍ପାୟନ ନୀତି ସହ ଏମଏସଏମଇ ନୀତି ବି ଆସିଛି।



**ଠିକା ନିଯୁକ୍ତି ଯୁଗ ଶେଷ:** ଅକ୍ଟୋବର ୧୫ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନେଲେ ଐତିହାସିକ ନିଷ୍ପତ୍ତି। ଚଳିତବର୍ଷ ନିଜ ଜନ୍ମଦିନ ପୂର୍ବରୁ ନବୀନ ଠିକା କର୍ମଚାରୀଙ୍କୁ ଦେଲେ ଦୀପାବଳୀର ବଡ଼ ଭେଟି। ଘୋଷଣା କଲେ ସବୁଦିନ ପାଇଁ ରାଜ୍ୟରେ ଠିକା ନିଯୁକ୍ତିର ଯୁଗ ଶେଷ ହେଲା। ଏହାସହ ସବୁ ଚୁକ୍ତିଭିତ୍ତିକ ନିଯୁକ୍ତି ନିୟମିତ ହେଲା। ଏହି ଘୋଷଣା ବଳରେ ୫୭ ହଜାରରୁ ଅଧିକ ଠିକା କର୍ମଚାରୀ ନିୟମିତ ହେଲେ।

**ବଢ଼ିଲା ଚାଷୀଙ୍କ ବଳ:** କୃଷକଙ୍କ କଲ୍ୟାଣରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଏଗ୍ରି ଟୁଡେ ପକ୍ଷରୁ ଓଡ଼ିଶା ସର୍ବଶ୍ରେଷ୍ଠ ରାଜ୍ୟ ଭାବେ ଏଗ୍ରିକଲଚର ଲିଡରସିପ ଆୱାର୍ଡ଼ ୨୦୨୨ରେ ପୁରସ୍କୃତ ହୋଇଥିଲା। ଚାଷୀଙ୍କ ସୁବିଧା ପାଇଁ ସଫଳ ନାମକ ଏକ ପୋର୍ଟାଲ କାର୍ଯ୍ୟକ୍ଷମ ହୋଇଥିଲା। ଏହି ପୋର୍ଟାଲକୁ କୃଷକ ଓଡ଼ିଶା ଡାଟାବେସ ସହିତ ସଂଯୁକ୍ତ କରାଯାଇଥିଲା।

**ପର୍ଯ୍ୟଟନ କ୍ଷେତ୍ରର ନବକଳେବର:** ଶ୍ରୀମନ୍ଦିର, ଲିଙ୍ଗରାଜ କ୍ଷେତ୍ରରୁ ଆରମ୍ଭ କରି ତାରାତାରିଣୀ ପୀଠର ସୌନ୍ଦର୍ଯ୍ୟକରଣ ସାରା ବିଶ୍ୱକୁ ଆକର୍ଷିତ କରିଛି। ସମଲେଇ ପୀଠରୁ ଆରମ୍ଭ କରି ଧବଳେଶ୍ୱର, କାକଟପୁର, ମା' ମଙ୍ଗଳା ପୀଠ, ଲୋକନାଥ ପୀଠ, ଅଲାରନାଥ, କଟକ ଚଣ୍ଡୀ, ଘଟଗାଁ ତାରିଣୀ ପୀଠ, ଝଙ୍କଡ ଶାରଳା ପୀଠ, ନୀଳମାଧବ ସମେତ ରାଜ୍ୟବ୍ୟାପୀ ଅନେକ ଧାର୍ମିକ ଓ ଐତିହ୍ୟ କୀର୍ତ୍ତିରାଜିର ସୁରକ୍ଷା ଏବଂ ସୌନ୍ଦର୍ଯ୍ୟକରଣ ସହ ପର୍ଯ୍ୟଟନକୁ ନୂଆ ରୂପ ଦେବା ପାଇଁ ରାଜ୍ୟ ସରକାର ଚଳିତବର୍ଷ ଭଣ୍ଡାର ଖୋଲି ଦେଇଛନ୍ତି।

**୨୪ ରେଳଷ୍ଟେସନର ଉନ୍ନତିକରଣ,୨ ବିଶ୍ୱସ୍ତରୀୟ:** ରାଜ୍ୟର ୨୪ଟି ରେଳ ଷ୍ଟେସନର ଉନ୍ନତିକରଣ ନେଇ ଚଳିତବର୍ଷ ନିଷ୍ପତ୍ତି ହୋଇଥିଲା ସେଥି ମଧ୍ୟରୁ ଭୁବନେଶ୍ୱର ଓ ପୁରୀ ରେଳ ଷ୍ଟସନ ବିଶ୍ୱସ୍ତରୀୟ ହେବା ନେଇ କାମ ବି ଆରମ୍ଭ ହୋଇଛି। ବ୍ୟୟବରାଦ ସହ ଟେଣ୍ଡର ପ୍ରକ୍ରିୟା ବି ଆରମ୍ଭ ହୋଇଛି। ସେହିପରି କଟକ ରେଳ ଷ୍ଟେସନର ଉନ୍ନତିକରଣ ପାଇଁ ଡିଜାଇନ ଚୂଡ଼ାନ୍ତ ହୋଇଛି।

**ବିଦେଶରେ ନବୀନ:** ୧୦ବର୍ଷର ଲମ୍ବା ବ୍ୟବଧାନ ପରେ ମୁଖ୍ୟମନ୍ତ୍ରୀ ଏ ବର୍ଷ ବିଦେଶ ଗସ୍ତ କରିଲେ। ପ୍ରଥମେ ରୋମ, ସେଠାରୁ ଦୁବାଇ। ରୋମରେ ଜାତିସଂଘର ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଇ ଓଡ଼ିଶାର ଖାଦ୍ୟ ନିରାପତ୍ତାର ସଫଳ କାହାଣୀ ସାରା ବିଶ୍ୱକୁ ଶୁଣାଇଲେ। ଜାତିସଂଘରେ ଓଡ଼ିଶା ମଡ଼େଲକୁ ଭୂରିଭୂରି ପ୍ରଶଂସା କରାଗଲା।

**ଜୟପୁରକୁ ଉଡିଲା ଆଗକୁ ବିଦେଶକୁ:** ଚଳିତବର୍ଷ କୋରାପୁଟ ଜିଲ୍ଲାର ଜୟପୁରକୁ ବିମାନ ଚଳାଚଳ ଆରମ୍ଭ ହୋଇଛି।

**ବିପର୍ଯ୍ୟୟ ମୁକାବିଲା ପାଇଁ ୪ଶହ କୋଟି:** ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲାରେ ଓଡ଼ିଶା ନମ୍ବର ଏକ। ଏ କ୍ଷେତ୍ରରେ ଆହୁରି ଦକ୍ଷତା ବଢ଼ାଇବାକୁ ଅଣ୍ଟା ଭିଡ଼ିଛନ୍ତି ରାଜ୍ୟ ସରକାର। ଅତ୍ୟାଧୁନିକ ହେବ ଓଡ଼ିଶାର ବିପର୍ଯ୍ୟୟ ମୁକାବିଲା ଓ ପରିଚାଳନା ବ୍ୟବସ୍ଥା। ଓଡ୍ରାଫ, ଅଗ୍ନିଶ୍ରମ ବାହିନୀକୁ ନିୟମିତ ପ୍ରଶିକ୍ଷଣ ଦିଆଯିବା ସହ ଅତ୍ୟାଧୁନିକ ଉପକରଣ ଯୋଗାଇ ଦିଆଯିବ। ଉଦ୍ଧାର ଓ ରିଲିଫ କାର୍ଯ୍ୟ ମଧ୍ୟ ଆହୁରି ଅତ୍ୟାଧୁନିକ ଓ ତ୍ୱରିତ କରାଯିବ। ଏ ଦିଗରେ ରାଜ୍ୟ ସରକାର ୪୦୦ କୋଟି ଟଙ୍କା ବିନିଯୋଗ କରିବାକୁ ଯୋଜନା ପ୍ରସ୍ତୁତ କରିଛନ୍ତି।

**କରୋନା ଗଲା, ଆସିଲା:** ଚଳିତବର୍ଷ ଆରମ୍ଭରୁ କରୋନା ସଂକ୍ରମଣ ମାଡ଼ିଥିଲା। ଓମାଇକ୍ରନ ଭୂତାଣୁ ସଂକ୍ରମଣ ବ୍ୟାପିଥିଲା। ମାତ୍ର ଧୀରେ ଧୀରେ ସଂକ୍ରମଣ କମିବା ସହ ଜୀବନଯାତ୍ରା ସ୍ୱାଭାବିକ ହୋଇଥିଲା। କଟକଣା ଉଠି ଚାଲିଥିବାବେଳେ ନଭେମ୍ବରରେ ସମସ୍ତ କଟକଣା ପ୍ରତ୍ୟାହୃତ ହୋଇଥିଲା। ମାତ୍ର ଡିସେମ୍ବର ଶେଷ ବେଳକୁ ଚୀନ ସ୍ଥିତି ଦେଖି ସବୁଠି ପୁଣି ଡର ପଶିଥିଲା। ରାଜ୍ୟ ସରକାର ମଧ୍ୟ ମକଡ୍ରିଲ କରିବା ସହ ଆଉ ଥରେ ସତର୍କତା ଜାରି କରିଛନ୍ତି।

**ଡ୍ରିଙ୍କ ଫ୍ରମ ଟ୍ୟାପ:** ଚଳିତ ବର୍ଷ ଶେଷ ଭାଗରେ ମୁଖ୍ୟମନ୍ତ୍ରୀ ଆଉ ୧୯ଟି ନୂଆ ସହରରେ ୨୪ ଘଣ୍ଟିଆ ଡ୍ରିଙ୍କ ଫ୍ରମ ଟ୍ୟାପ ସୁବିଧାର ଶୁଭାରମ୍ଭ କରିଛନ୍ତି।

**ମିଶନ ଶକ୍ତିର ବଢ଼ିଲା ଶକ୍ତି:** ମିଶନ ଶକ୍ତି ମାଧ୍ୟମରେ ମହିଳାମାନଙ୍କୁ ରୋଜଗାରକ୍ଷମ ଓ ସଶକ୍ତ କରିବା ଦିଗରେ ରାଜ୍ୟ ସରକାର ଚଳିତବର୍ଷ ବ୍ୟାପକ ପଦକ୍ଷେପ ନେଇଛନ୍ତି। ବିଦ୍ୟୁତ ବିଲ ସଂଗ୍ରହ, ପାଣି ବିଲ ସଂଗ୍ରହଠୁ ଆରମ୍ଭ କରି ଅଙ୍ଗନବାଡ଼ି କର୍ମୀଙ୍କୁ ସହଯୋଗ କରିବାରେ ମିଶନ ଶକ୍ତିକୁ ଦାୟିତ୍ୱ ଦିଆଯାଇଥିଲା। ଜାତୀୟ ପତାକା ପ୍ରସ୍ତୁତି, ଛତୁଚାଷଠୁ ଆରମ୍ଭ କରି ମଧ୍ୟାହ୍ନ ଭୋଜନ ପ୍ରସ୍ତୁତିରେ ବିଦ୍ୟାଳୟ ପରିଚାଳନା କମିଟିକୁ ସାହାଯ୍ୟ କରିବାରେ ବି ମିଶନ ଶକ୍ତି ଯୋଡ଼ି ହୋଇଛନ୍ତି।

**୭୬୩ କୋଟିରେ ଲୁଣା ବନ୍ଧ:** ବାତ୍ୟା ଓ ବଡ଼ ଜୁଆର ସହିଲା ଭଳି ନିର୍ମାଣ ହେବ ଦୀର୍ଘସ୍ଥାୟୀ ଲୁଣା ବନ୍ଧ। ପୂର୍ବାପେକ୍ଷା ଅଧିକ ଉଚ୍ଚ ହେବ, ଚଉଡା, ବି ବଢ଼ିବ। ୫ମିଟର ୧୬.୪ଫୁଟ ଚଉଡା ଲୁଣା ବନ୍ଧ ସବୁଠି ନିର୍ମାଣ କରାଯିବ। ନବୀନବାବୁଙ୍କ ସଫଳ ଓ ଦୃଢ଼ ସୁଶାସନ ବିଜେଡ଼ିକୁ ଶକ୍ତିଶାଳୀ କରିବା ସହ ଜନାଭିମୁଖୀ ହୋଇ ଓଡ଼ିଶାବାସୀଙ୍କ ସେବାରେ ନିୟୋଜିତ ରଖି ବିଶ୍ୱାସଭାଜନ ହୋଇପାରିଛି।

*-ପ୍ରତିଷ୍ଠାତା ସମ୍ପାଦକ, 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ: ୭୪୮୮୯୯୮୫୩୨/ ୯୨୦୪୬୫୨୦୬୫, E-mail : badal009bhuyan@gmail.com*

# ଅନ୍ତଃ ସ୍ୱର

--------ଅନୀତା ପଟ୍ଟନାୟକ--------

ଜୀବନର ଏକ ଅପରାହ୍ନରେ ବିବେକ ବସି ବସି ଭାବୁଥିଲା ଯେ ବେଳେ ବେଳେ ମଣିଷ ସବୁ ଜାଣିଶୁଣି ବୁଝି ଅବୁଝା ହୁଏ କାହିଁକି? ଦିଗ୍‌ବଳୟ ଆଡ଼କୁ ଚାହିଁ ଏହାର ଉତ୍ତର ଖୋଜି ପାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ତାର ଉତ୍ତର ପାଇପାରି ନ ଥିଲା। ଯେପରି କିଏ ଜଣେ କହୁଥିଲା, 'ତୁ ସବୁ ଜାଣି ମଧ୍ୟ ହାରି ଯାଇଛୁ। ନିୟତି ତତେ ହରାଇ ଦେଇଛି। ଆର ଜନ୍ମକୁ ଅପେକ୍ଷା କର।' ମନ ତାର ଆନ୍ଦୋଳିତ ହୋଇ ଉଠିଲା। କାହିଁକି ଏପରି ହେବ ମୁଁ ସବୁ ଜାଣି ଶୁଣି ବୁଝି କାହିଁକି ହାରିଯିବି। ବିବେକ ରାମକୃଷ୍ଣଙ୍କର ଜୀବନୀକୁ ଖୋଲି ପଢ଼ି ବସିଲା ଓ ଉପଲବ୍ଧି କଲା ଯେ ରାମକୃଷ୍ଣ ପରମହଂସ ଉପଲବ୍ଧି କରିଥିଲେ ଯେ ଆତ୍ମା ସମସ୍ତଙ୍କ ମଧ୍ୟରେ ବିଦ୍ୟମାନ। କାୟ, ମନ, ବାକ୍ୟରେ ଏହାକୁ ସେ ପାଳନ କରି ବିବେକାନନ୍ଦଙ୍କୁ ଶିକ୍ଷା ଦେଇଥିଲେ। କିନ୍ତୁ ମୁଁ ମଣିଷ ଦେହରେ ଗୋଡ଼ ବାଜିଗଲେ ବିଷ୍ଣୁ କହୁଛି, ଗରିବ ଲୋକଙ୍କୁ ଅନ୍ନବସ୍ତ୍ର ପ୍ରଦାନ କଲେ ଭଗବାନ ତା ଭିତରେ ଅଛି ବୋଲି କଳ୍ପନା କରିପାରୁଛି କିନ୍ତୁ ସମସ୍ତ ନାରୀ ସମାଜ ମଧ୍ୟରେ ଭଗବାନ ଅଛନ୍ତି ଏହା ମୁଁ କାହିଁକି ହୃଦୟଙ୍ଗମ କରିପାରିଲି ନାହିଁ। ରାମକୃଷ୍ଣ ତାଙ୍କର ପତ୍ନୀଙ୍କୁ ମା'ଭବତାରିଣୀଙ୍କ ରୂପରେ ପୂଜା କରିପାରିଥିଲେ କିନ୍ତୁ ମୁଁ ସବୁ ହୃଦୟଙ୍ଗମ କରି ମଧ୍ୟ ଏହାକୁ ଜୀବନରେ ପାଳନ କରିପାରିଲି ନାହିଁ କାହିଁକି? ମୁଁ ହାରିଯିବାକୁ ଚାହେଁନା।

ଆଉ ଦିନକର କଥା। ବିବେକ ଅର୍ଥ ଲାଳସାରେ ରାସ୍ତାରେ ଚାଲୁଥିବା ବେଳେ ଶଙ୍କରାଚାର୍ଯ୍ୟଙ୍କର ଶ୍ଲୋକକୁ କେହି ଜଣେ ଆବୃତ୍ତି କରୁଥିବାର ଶୁଣିଲା। ଶ୍ଲୋକଟି ଥିଲା- 'ଅର୍ଥଂ ଅନର୍ଥଂ ଭାବାୟ ନିତ୍ୟଂ ନାସ୍ତି ତତଃ ସୁଖଲେଶ ସତ୍ୟଂ। ପୁତ୍ରାଦପି ଧନ ଭାର୍ଯ୍ୟାଂ ଭୀତି ସର୍ବଂ ତ୍ରୈଷା ବିହିତାଭୀତି'। ବିବେକ ଏହାକୁ ଶୁଣି ହୃଦୟଙ୍ଗମ କଲା ଅର୍ଥ ସମସ୍ତ ଅନର୍ଥର କାରଣ କିନ୍ତୁ ମନୁଷ୍ୟ ଏହାକୁ ସବୁଦିନ ଜୀବନରେ ଚାହେଁ। ଏଥିରେ ତିଳେମାତ୍ର ସୁଖ ନାହିଁ। ଯାହା ପାଖରେ ଧନ ଥାଏ, ତା' ନିକଟରେ ସ୍ତ୍ରୀ, ପୁତ୍ର ଧନ ସବୁବେଳେ ଭୟର କାରଣ ହୋଇଥାନ୍ତି। ବିବେକ ଉପଲବ୍ଧି କଲା ଯେ ଜୀବନରେ ଅତି ପରିମାଣର ଅର୍ଥର ଆବଶ୍ୟକତା ନାହିଁ ଏହା ଚୌର୍ଯ୍ୟଭୟ ସୃଷ୍ଟି କରେ। ମଣିଷର ମୃତ୍ୟୁପରେ ତାର ଗୁପ୍ତଧନ ଅବ୍ୟବହୃତ ହୋଇ ପଥର ସମାନ ପଡ଼ିରହେ। ସେଥିପାଇଁ କଥାରେ ଅଛି 'ପୁତ୍ର ଯଦି ଯୋଗ୍ୟ ଧନ କାହିଁ ପାଇଁ ସଞ୍ଚୁ ଓ ପୁତ୍ର ଯଦି ଅଯୋଗ୍ୟ ଧନ କାହିଁ ପାଇଁ ସଞ୍ଚୁ'। ବିବେକ ହୃଦୟଙ୍ଗମ କଲା ମଣିଷ ଖାଦ୍ୟ ଖାଏ ଟଙ୍କା, ସୁନା, ରୂପା ନୁହେଁ ତଥାପି ମୁଁ ଅର୍ଥ ପଛରେ କାହିଁକି ପାଗଳ ପରି ଧାଉଁଛି। ମୁଁ କାମନାର ସୀମାଙ୍କନ କରି ସନ୍ତୁଷ୍ଟ କାହିଁକି ରହିପାରୁ ନାହିଁ। ସବୁ ଜାଣି ଶୁଣି ବୁଝି ମତେ କ'ଣ ଏ ସତ୍ୟ ନିକଟରେ ହାରିଯିବାକୁ ପଡ଼ିବ।



ମହାମାରୀରେ ବିବେକର ସ୍ତ୍ରୀ ଓ ପୁତ୍ରଙ୍କର ମୃତ୍ୟୁ ହୁଏ। ଶ୍ମଶାନକୁ ଯିବା ପୂର୍ବରୁ କେହି ଜଣେ କହି ଉଠିଲେ ଆରେ ତା' ସ୍ତ୍ରୀ ବେକରୁ ସୁନାହାରଟିକୁ କାଢ଼ି ଆଣି ବିବେକକୁ ଦିଅ। ବିବେକ ନିଶ୍ଚଳ ହୋଇ ଠିଆ ହୋଇଥିବା ସମୟରେ ତାର ସ୍ତ୍ରୀର କାନଫୁଲ, ହାର, ଚୁଡ଼ି ଇତ୍ୟାଦି ଓ ପୁଅର ସୁନାହାର କେହି ଜଣେ ତାର ହାତକୁ ବଢ଼ାଇ ଦେଲେ। ମନବୋଧ ଚଉତିଶା। ବିବେକର ହୃଦୟରେ ଗୁଞ୍ଜରିତ ହେବାକୁ ଲାଗିଲା 'କେତେ ଦିନକୁ ମନ କରିଛୁ ଆଣ୍ଟ। କି ଘେନି ଯିବୁ ତୁହି ଛୁଟିଲେ ଘଟରେ।' ଶ୍ମଶାନରୁ ଘରକୁ ଫେରିବାପରେ ଏଗାର ଦିନ ଘରକୁ ପବିତ୍ର କରିବା ପାଇଁ କେହି ଜଣେ ଆତ୍ମୀୟ ଶଙ୍କରାଚାର୍ଯ୍ୟଙ୍କର ଏକ ଶ୍ଲୋକଟିଏ ଟେପରେ ବାଜୁଥିବା ବିବେକ ଶୁଣିଲା। ଶ୍ଲୋକଟି ଥିଲା-କାତେ କାନ୍ତା କଃତେ ପୁତ୍ର ସଂସାର ଅୟଂ ଅତିବ ବିଚିତ୍ର। ଦ୍ୱିତୀୟ ଶିଶୁ ପୁତ୍ରଟିକୁ ଲାଳନ ପାଳନ ନିମନ୍ତେ ପରିବାରର ବାଧ୍ୟବାଧକତାରେ ବିବେକ ଦ୍ୱିତୀୟ ପତ୍ନୀ ଗ୍ରହଣ କରିବା ପାଇଁ ବାଧ ହେଲେ, ନଚେତ ପତ୍ନୀଙ୍କର ମୃତ୍ୟୁ ପରେ ତାଙ୍କର ସଂସାରକୁ ସମ୍ଭାଳିଥା'ନ୍ତା କିଏ? ପୁଣି ବିବେକ ଜାଣିପାରିଲେ ସେ ଜାଣି ଶୁଣି ବୁଝି ହୃଦୟଙ୍ଗମ କରି ସତ୍ୟ ନିକଟରେ ସେ ହାରି ଯାଇଛନ୍ତି।

ଦିନେ ପୁରୀଯାତ୍ରା ସମୟରେ ପହଡ଼ ଫାଙ୍କରେ କାଳିଆ ଶ୍ରୀମୁଖକୁ ଚାହିଁ ବିବେକ ପଚାରିଥିଲା ପାଖରେ ଥାଇ ମଧ୍ୟ ତୁମେ ଏତେ ଦୂରରେ ପ୍ରତୀୟମାନ ହେଉଛ କାହିଁକି? ଚାହିଁବା ମାତ୍ରେ ଡାକିବା ମାତ୍ରେ ସଙ୍ଗେ ସଙ୍ଗେ ଉଭା ହେଇପାରୁନ କାହିଁକି? ତୁମର ଦର୍ଶନାଭିଳାଷୀ ହୋଇ ପାନ୍ଥଶାଳାରେ ଖାଇ ସମୁଦ୍ର କୂଳରେ ବୁଲି ତୁମକୁ ପାଶୋରି ଯିବାକୁ ମୁଁ ଚେଷ୍ଟା କରେ କାହିଁକି? ଯାହାଙ୍କୁ ଦର୍ଶନ କଲେ ଅନ୍ୟ କିଛି ଦର୍ଶନ କରିବାକୁ ଇଚ୍ଛା ହୁଏନାହିଁ; ଏକଥା ଶାସ୍ତ୍ରରେ ଲେଖାଥିଲେ ମଧ୍ୟ ଏକଥାକୁ ମୋ ମନ ମାନେନାହିଁ କାହିଁକି? ସବୁ ଜାଣିଶୁଣି ବୁଝି ମୁଁ କ'ଣ ହାରିଯାଇଛି?

ମହୋଦଧି ଆଡ଼କୁ ଚାହିଁ ବିବେକ ଅସୁମାରୀ ତରଙ୍ଗକୁ ଦେଖି ଭାବୁଥିଲା ବେଳେ ଏକ ମୃଦୁ ମୂର୍ଚ୍ଛନା ଶୁଣିବାକୁ ପାଇଲା-"ପ୍ରକୃତ ହୃଦୟରେ ତୁ ଯାହା ଚାହୁଁଛୁ ତୁ ତାକୁ ପାଇବାକୁ ଚେଷ୍ଟିତ ନୁହଁ। ପ୍ରହେଳିକାରେ ପଡ଼ି ଏ ସୃଷ୍ଟିର ସମସ୍ତ ବସ୍ତୁକୁ ଧରି ତୁ ମୋ ନିକଟକୁ ଆସିବାକୁ ଚାହୁଁଛୁ; କିନ୍ତୁ ଏହା ସମ୍ଭବ ନୁହେଁ। ତୁ ସମସ୍ତ ଆବିଳତା, ବନ୍ଧନ, କାମନାକୁ ପରିତ୍ୟାଗ କରିଦେ ବିବେକ ତେବେ ତୁ ପ୍ରକୃତରେ ରାମକୃଷ୍ଣ, ଶଙ୍କରାଚାର୍ଯ୍ୟଙ୍କର ତତ୍ତ୍ୱ ଓ ମୋର ପ୍ରକୃତ ଦର୍ଶନ ଲାଭ କରିପାରିବୁ।"

*-ଅବସରପ୍ରାପ୍ତ ପ୍ରାଧ୍ୟାପିକା, ସିଡ଼ିଏ, କଟକ, ଦୂରଭାଷ: ୯୮୬୧୧୧୮୬୭୩*

# ବର୍ଷ ବଦଳୁଛି : ପ୍ରକୃତି, ପ୍ରବୃତ୍ତି ବଦଳୁନି

**ଶରତ କୁମାର ସାହୁ**

ଘରର କ୍ୟାଲେଣ୍ଡର ବଦଳିବ, ପୁରୁଣା ଡାଏରୀ ଭିତରେ ରହି ନୂଆ ଡାଏରୀରେ ଦୈନନ୍ଦିନୀ ଆରମ୍ଭ ହେବ। ଚଳିତ ବର୍ଷ ଗତବର୍ଷ ପରି କରୋନା ବର୍ଷ କହିଲେ ଅତ୍ୟୁକ୍ତି ହେବନାହିଁ। ଏହା ଭିତରେ ପୁଣି ଓମିକ୍ରନର ବିପଦ ରହିଛି। ଏହିପରି ଏକ ସମୟରେ ଚଳିତ ବର୍ଷ ଓ ଆଗତ ନୂଆବର୍ଷକୁ ନେଇ ସବୁକିଛି ସନ୍ଦିହାନ୍ ଭିତରେ!! ପ୍ରତିବର୍ଷ ପୁରୁଣା ବର୍ଷ ଯାଏ ନୂଆ ବର୍ଷ ପାରମ୍ପରିକ ଭାବେ ଆସିଥାଏ। ମଠ ମନ୍ଦିର, ବନ୍ଧୁବର୍ଗଙ୍କୁ ଶୁଭେଚ୍ଛା ଜଣାଇବା ସହ ଏହିପରି କିଛି ଭାବନାବ ଭିତରେ ଆସେ ତଥାକଥିତ ନୂଆବର୍ଷ କିନ୍ତୁ ବାସ୍ତବ କଥା ହେଉଛି ଆମ୍ଭେମାନେ ନିଜର କିଛି ପ୍ରବୃତ୍ତି ଓ ପ୍ରକୃତିକୁ ବଦଳାଇ ପାରୁଛୁ କି? ବାସ୍ତବ କଥା ହେଉଛି ପ୍ରତିଦିନ ଆମ୍ଭେମାନେ ଯାହା କରୁ ସେଦିନ ବି ସେଇଆ। କିନ୍ତୁ ଅସଲ କଥା ହେଉଛି ଯଦି କିଛି ଭଲ କରିବା ପାଇଁ ଚାହୁଁଥାନ୍ତି, ତାହାହେଲେ ତାହାପାଇଁ ଶୁଭ, ଅଶୁଭ, ନୂଆବର୍ଷ ଏ ପ୍ରସଙ୍ଗ କେଉଁଠୁ ଆସେ?

ଭଗବାନ ଶ୍ରୀସତ୍ୟସାଇ ବାବା କହିଛନ୍ତି ପ୍ରତିଟି ଦିନ, ପ୍ରତିଟି ମୁହୂର୍ତ୍ତ ସମସ୍ତଙ୍କ ପାଇଁ ଦିବ୍ୟ ମୁହୂର୍ତ୍ତ, ସ୍ମରଣୀୟ; ଖାଲି ତଫାତ ହେଉଛି ଭଲ କାମ କରିବାର ସଂକଳ୍ପ କରି ତାହାକୁ ଆଚରଣରେ ପ୍ରଦର୍ଶନ କରିବା। ନୂଆବର୍ଷ କଥା ଉଠିଲା ବେଳକୁ ଅନେକ ପ୍ରସଙ୍ଗ ମନ ଭିତରକୁ ଆସୁଛି। ଘରର କ୍ୟାଲେଣ୍ଡର ବଦଳେ, ଡାଏରୀ ଲେଖୁଥିବା ଲୋକ ନୂଆ ଡାଏରୀ କିଣେ ବା କାହାଠାରୁ ପାଏ, ମିଠା ଦିଆନିଆ ହୁଏ, ଫୁଲତୋଡ଼ା ବା ଉପହାରଠାରୁ କିନ୍ତୁ ବିଗତ ରାତି ବାରଟା ପରେ ଶୁଭେଚ୍ଛା ଦିଆନିଆ ହୁଏ କିନ୍ତୁ ସତ କଥା ହେଉଛି ବର୍ଷ ବଦଳିବା ପରି, କ୍ୟାଲେଣ୍ଡର ବଦଳିବା ପରି ଆମ୍ଭମାନଙ୍କ ପ୍ରକୃତି କିନ୍ତୁ ସତରେ ବଦଳେ କି? ଆଉ କେହି କେହି ଯଦି ଭାରି ଜୋଶରେ ଦିନାକାତି କିଛି ନୂଆ କରିବା ଭାବି ମାଡ଼ି ଯାଆନ୍ତି କିନ୍ତୁ ତାଙ୍କର ବଦଳିବାର ଅବଧି କେତେ ଦିନ ପର୍ଯ୍ୟନ୍ତ ଯାଇଥାଏ!

କଥାରେ ଅଛି 'ମନ ଜାଣେ ପାପ - ମାଆ ଜାଣେ ବାପ'। ତେଣୁ ଆମ୍ଭମାନଙ୍କର ଖରାପ ଗୁଣ କ'ଣ କେଉଁଟା ବର୍ଜନୀୟ ତାହାକୁ ବିଚାର କରି ଛାଡ଼ିବା ବା ଗ୍ରହଣ କରିବା ଆମ ବିବେକର କାର୍ଯ୍ୟ।




ସେଇଥିପାଇଁ ମଣିଷ ହେଉଛି ଭଗବାନଙ୍କ ସୃଷ୍ଟିରେ ଶ୍ରେଷ୍ଠ ପ୍ରାଣୀ। ପୃଥିବୀଟି ପଦାର୍ପଣ କରିବାକୁ କରିଛି ନୂଆବର୍ଷର ନୂଆ ଭାବନାରେ। ଆଜିକାଲିକା ସମୟରେ ଲୋକଚରିତ୍ର ଦିନକୁ ଦିନ ଅଦ୍ଭୁତ ଭାବେ ବଦଳିଯାଉଛି। ଗତକାଲି ଚିହ୍ନିଥିବା ଲୋକ ଆଜି ଚିହ୍ନିପାରୁନି। ଅଥଚ ଅଚିହ୍ନା ଲୋକ ଦେବଦୂତ ପରି ବନ୍ଧୁ ସାଜୁଛନ୍ତି। ଓଡ଼ିଆ ନୂଆବର୍ଷ ବିଷୁବ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତିରେ ଅନୁଷ୍ଠିତ ହେଉଥିଲେ ବି ଇଂରାଜୀ ନୂଆବର୍ଷକୁ ନେଇ ଚାରିଆଡ଼େ ନୂଆବର୍ଷର ଆନନ୍ଦ। ତେବେ ଓଡ଼ିଆ ନୂଆବର୍ଷ ବିଷୁବ ସଂକ୍ରାନ୍ତୀ ବା ପଣା ସଂକ୍ରାନ୍ତୀରେ ପଡ଼ିଥାଏ। ୧୯୩୬ ସାଲରେ ପ୍ରଥମ ଭାଷାଭିତ୍ତିକ ପ୍ରଦେଶ ଓଡ଼ିଶା ଗଠିତ ହେଲା। ନୂଆବର୍ଷଟି ଆମେ କାହିଁକି ପାଳନ କରିଥାଉ? ବାସ୍ତବିକ ନୂଆବର୍ଷ ପାଳନର ମୁଖ୍ୟ ଲକ୍ଷ୍ୟ ହେବାକଥା ପୁରୁଣା ବର୍ଷର ଦୁଃଖ ଓ ଲୁହକୁ ପଛରେ ପକାଇ ସ୍ୱପ୍ନ ଦେଖିବା, ଯୋଜନା କରିବା ଏକ ନୂଆ ସମ୍ଭାବନା ପାଇଁ। ଯଦି ଆମ୍ଭେମାନେ ଏହାକୁ ବାସ୍ତବ ଜୀବନରେ କାର୍ଯ୍ୟକାରୀ ନ କରିବା, ତେବେ ମନେହେବ ଯେପରି ନୂଆବର୍ଷ ମାତ୍ର ଗୋଟିଏ ଦିନ ପାଇଁ ହିଁ ଆସିଥିଲା । ତେବେ ଯାହାହେଉନା କାହିଁକି ବେପାର ବଣିଜର ପସରା ଭିତରେ କେକ୍ କଟା, ମେସେଜ୍ ଦିଆନିଆ, ଫାର୍ମ ହାଉସରେ ବିଳମ୍ବିତ ପାର୍ଟି ଆଉ ସକାଳୁ ମନ୍ଦିର ଦେବାଳୟରେ ଭିଡ଼ ଜମାଇଲେ ସତରେ କ'ଣ ନୂଆବର୍ଷର ଯଥାର୍ଥତା ରହିଥାଏ! ଦେଖାଯାଉଛି, ଦିନକୁ ଦିନ ମଣିଷର ପ୍ରକୃତି ବଦଳୁ ନାହିଁ। ଦିନ କିନ୍ତୁ ବଦଳି ଯାଉଛି। ଲୋକଚରିତ୍ର ସମ୍ପ୍ରତି ଘୋର ଅବକ୍ଷୟର ସୁଅରେ। ସରକାରୀ ମାଲ ଦରିଆ ମେ ଡାଲ। ଏ ଧାଡ଼ିର ମର୍ମ ବୁଝାଉଛି। ଚାରିଆଡ଼େ ଆଖି ପକାଇ ଦେଖୁଛେ କେଉଁଠି ସରକାରୀ, ଗୋଚର, ଅନାବାଦି ବା କୌଣସି ନିରାଶ୍ରୟ ଲୋକର ଜାଗାଟି ପଡ଼ିଛି ତାକୁ ମଠ ମନ୍ଦିର ନାମରେ ହେଉ ବା ଯେକୌଣସି ବାଟରେ ହେଉ ଯଦି ଆମେ କବ୍‌ଜା କରିପାରିଲେ ତାହାହେଲେ କଚେପୁଅ ବାର। ସରକାରୀ ଜାଗାକୁ ଜବରଦଖଲ କରି ସମାଜପତିଙ୍କ ପ୍ରିୟପାତ୍ର ହୋଇପାରିଲେ ଜାଗାଟି ଆଉ କେହି ଦଖଲ କରିବା ପାଇଁ ସାହସ ବି କରିପାରିବେ ନାହିଁ । ଆଉ ସରକାର ଯଦି ଜବରଦଖଲ ହଟାଇବା ପାଇଁ ଆଇନର ସାହାଯ୍ୟ ନିଅନ୍ତି ତେବେ ତା'କୁ ହଟାଇବା ପାଇଁ ବି ବୁଦ୍ଧିବାଟର ତରିକା ଆମ୍ଭମାନଙ୍କୁ ବେଶ୍ ଜଣା। ଘରପାଖରେ ନୂଆ ପଡ଼ୋଶୀଟିଏ ମୁଣ୍ଡ ଗୁଞ୍ଜିବାକୁ ପହଞ୍ଚିଛନ୍ତି। ଆମର କିନ୍ତୁ ସେଥିପାଇଁ ସାହାଯ୍ୟ ତ ଦୂରର କଥା ଏପରି ଫୋପଡା ବ୍ୟବହାର ଦେବା ପାଇଁ ପଛଉନାହିଁ ଯେ ନୂଆଲୋକଟି କ'ଣ ଯେ ଭାବୁଥିବ ତାହାପାଇଁ କ'ଣ ଚିନ୍ତା ରହୁଛି? ପ୍ରତିବର୍ଷ ଏହି ନୂଆବର୍ଷଟି ଆସୁଛି। ଫୁଲବାଲାଠାରୁ ଡାଏରୀବାଲା, ଫୋନ୍ କାର୍ଡ଼ ବାଲାଙ୍କଠାରୁ ମାଛ, ମାଂସବାଲା, ମଦଦୋକାନୀଠାରୁ ବକ୍ସିସ୍ ନେଲାବାଲା ସମସ୍ତେ ଲାଭବାନ ହୋଇଥା'ନ୍ତି। ହେଲେ ଆମ୍ଭମାନଙ୍କ ହାତରେ ଯେ କୋଟି କୋଟିର ଅମୂଲ୍ୟ ସମ୍ପଦ ଲାଭ ରହିଛି ତାହାକୁ ଆମେ ସମସ୍ତେ ଭୁଲି ଯାଉଛେ।

ଆମ୍ଭେମାନେ କେବେ ଚିନ୍ତା କରିଛେ ଯେ, ଆମ ଘରେ ଜୀବନ୍ତ ଭଗବାନ ରହିଛନ୍ତି ସେ ହେଉଛନ୍ତି ଆମର ପିତାମାତା। ଆଉ ଲକ୍ଷ୍ମୀ ତ' ସ୍ୱୟଂ ସେଠାରେ ବିରାଜମାନ। କେବେ ଖୁସି ଓ ଆନନ୍ଦ ପାଇବା ପାଇଁ ଆଧ୍ୟାତ୍ମିକ ଚେତନାକୁ ନିଜ ଭିତରେ ଜାଗ୍ରତ କରିବା ପାଇଁ ଚେଷ୍ଟା କରୁନାହୁଁ । ସଦାସର୍ବଦା ପରନିନ୍ଦା, କାହାକୁ ଅସୁବିଧାରେ ପକାଇବାର ଚିନ୍ତନ, କୁଭାବନା, ପରଶ୍ରୀକାତରତା ପରି ବଦ୍‌ଭ୍ୟାସକୁ ଦୂରେଇ ରଖୁନାହୁଁ। ବାସ୍ତବିକ ଶାନ୍ତି କ'ଣ ଆମ୍ଭେମାନେ ପାଇପାରିବା! ତାହାହେଲେ ନୂଆବର୍ଷ କ'ଣ ପାଇଁ ? ଓ କେଉଁମାନଙ୍କ ପାଇଁ? ବାସ୍ତବିକ ନୂଆବର୍ଷର ଭେଳିକି ନାମରେ ଆମେ ନିଜକୁ ସିନା ଠକୁଛେ, କିନ୍ତୁ କେବେ ଭାବନା ରାଜ୍ୟକୁ ବିବେକକୁ ସତରେ କ'ଣ ପ୍ରଶ୍ନ କରିପାରିବା ବାସ୍ତବିକ ଆମ୍ଭେମାନେ ନୂଆବର୍ଷ ସହ ନୂଆ ଚେତନା, ନୂଆ ଭାବନା ନେଇ ନିଜକୁ ନୂଆ ରୂପରେ ସଂସ୍କାରିତ କରିବା ପାଇଁ ଦିବ୍ୟପଥର ଅନୁଗାମୀ ହେବାପାଇଁ ବ୍ରତୀ ରଖିବା ତ'! ସତରେ ମାନବ ଜାତି ଶ୍ରଦ୍ଧାସମ୍ପନ୍ନ, ସଦ୍‌ଗୁଣର ଗୁରୁତ୍ୱପୂର୍ଣ୍ଣ ଆଭିମୁଖ୍ୟ ହୃଦୟଙ୍ଗମ କରି ଜୀବନଯାପନ କରିବା ଏକାନ୍ତ ପ୍ରୟୋଜନ।

*—'ଉପକରଣ ହାଉସ', ଚଣ୍ଡୀଖୋଲ, ଯାଜପୁର, ଦୂରଭାଷ: ୯୪୩୭୦୫୧୫୪୩*




# ପୁରୁଷ ହକି ବିଶ୍ୱକପ୍ ଟ୍ରଫିକୁ ନବରଙ୍ଗପୁର ଜିଲ୍ଲାରେ ଭବ୍ୟ ସ୍ୱାଗତ

**ନବରଙ୍ଗପୁର(ପିଏନ):** ଓଡ଼ିଶା ଆନ୍ତର୍ଜାତିକ ହକି ମହା ସଂଘ ଦ୍ୱାରା ଆୟୋଜିତ ପୁରୁଷ ହକି ବିଶ୍ୱ କପ୍ ୨୦୨୩ କଳିଙ୍ଗ ଷ୍ଟାଡିୟମ୍ ଭୁବନେଶ୍ୱର ଓ ଓଡ଼ିଶାର ହକିର ଏନ୍ତୁଡ଼ିଶାଳ ସୁନ୍ଦରଗଡ଼ ରେ ଆସନ୍ତା ଜାନୁଆରୀ ୧୩ ରୁ ୨୯ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ହକି ବିଶ୍ୱ କପ୍ ଟ୍ରଫି ରାଜ୍ୟର ବିଭିନ୍ନ ଜିଲ୍ଲା ପରିକ୍ରମା ଅବସରରେ ବର୍ଷର ଶେଷ ଦିନ ତା ୩୧.୧୨ ରିଖ ସନ୍ଧ୍ୟାରେ ନବରଙ୍ଗପୁର ଜିଲ୍ଲାରେ ଆସି ପହଞ୍ଚି ଥିଲା । ହକି ପୁରୁଷ ବିଶ୍ୱ କପ୍ ଟ୍ରଫିକୁ ନବରଙ୍ଗପୁର ଜିଲ୍ଲା ପ୍ରଶାସନ ତରଫରୁ ଆଜି ନବବର୍ଷର ଉତ୍ସାହର ସହିତ ଭବ୍ୟ ସ୍ୱାଗତ ପାଇଁ ସ୍ଥାନୀୟ ରାଜା ଚୈତନ୍ୟ ଦେବ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ ଠାରେ ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ର ଛାତ୍ରୀ, ସାଂସ୍କୃତିକ ଦଳ, ସ୍ୱେଚ୍ଛାସେବୀଙ୍କୁ ନେଇ ଏକ ବିରାଟ ସାଂସ୍କୃତିକ ଶୋଭା ଯାତ୍ରା ର ଆୟୋଜନ କରାଯାଇଥିଲା । ଏଥିରେ ମାନ୍ୟବର ସାଂସଦ ଲୋକସଭା,




ନବରଙ୍ଗପୁର, ଶ୍ରୀ ରମେଶ ଚନ୍ଦ୍ର ମାଝୀ, ମାନ୍ୟବର ବିଧାୟକ ଡାବୁ ଗାଁ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଶ୍ରୀ ମନୋହର ରନ୍ଧାରୀ, ମାନ୍ୟବର ବିଧାୟକ ନବରଙ୍ଗପୁର ଶ୍ରୀ ସଦାଶିବ ପ୍ରଧାନି, ମାନ୍ୟବର ଅଧକ୍ଷ ଜିଲ୍ଲାପରିଷଦ ଶ୍ରୀ ମୋତି ରାମ ନାୟକ, ଜିଲ୍ଲାପାଳ ଡକ୍ଟର କମଳ ଲୋଚନ ମିଶ୍ର, ଆରକ୍ଷୀ ଅଧିକ୍ଷକ ଏସ୍, ସୁଶ୍ରୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶ୍ରୀମତୀ ଅନ୍ୟା ଦାସ, ଅତିରିକ୍ତ ଜିଲ୍ଲାପାଳ ଭାସ୍କର ରଇତ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ରାଉତ, ଅଧକ୍ଷ ପୌରପାଳିକା ନବରଙ୍ଗପୁର, କୁନୁ ନାୟକ ବିଶ୍ୱ ହକି ଟ୍ରଫିକୁ ଶ୍ରଦ୍ଧା ସୁମନ ଅର୍ପଣ ପୂର୍ବକ ସ୍ୱାଗତ କରିଥିଲେ। ଏଥିରେ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ, ସହରର ବହୁ ବିଶିଷ୍ଟ ବ୍ୟକ୍ତି, ବିଭିନ୍ନ ଗଣ ମାଧ୍ୟମର ପ୍ରତିନିଧି ପ୍ରମୁଖ ଯୋଗଦେଇ ଜିଲ୍ଲାର ପାରମ୍ପରିକ ନାଚ୍, ଗୀତ, ବାଦ୍ୟ ସହିତ ସାଂସ୍କୃତିକ ଶୋଭା ଯାତ୍ରାରେ ବାହାରି ମାଝୀ ଗୁଡ଼ା ଛକ ପର୍ଯ୍ୟନ୍ତ ପରିକ୍ରମା କରାଯାଇ କଳାହାଣ୍ଡି ଜିଲ୍ଲା ପରିକ୍ରମା ନିମନ୍ତେ ବିଦାୟ ଦିଆଯାଇଥିଲା। ଜିଲ୍ଲାରେ ହକି ବିଶ୍ୱ କପର ପ୍ରସାର ପ୍ରଚାର ପାଇଁ ଗ୍ରାମ ପଞ୍ଚାୟତ ସ୍ତରରରେ ଗ୍ରାମ ସଭା,ବ୍ଲକ୍ ଏବଂ ଜିଲ୍ଲାସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବା ପାଇଁ ସ୍ଥିର କରାଯାଇଛି। ଜାନୁଆରୀ ମାସ ୧୫, ୧୬, ୧୭, ତିନି ଦିନ ପର୍ଯ୍ୟନ୍ତ ସର୍କିଟ ହାଉସ ପାଖ ପଡ଼ିଆରେ ଏକ ମିନି ପଲ୍ଲୀ ମେଳା ଅନୁଷ୍ଠିତ ହେବ। ଏଥିରେ ପୁସ୍ତକ ମେଳା, କୃଷି ଯନ୍ତ୍ରପାତି, ଲୋକଙ୍କର ମନୋରଞ୍ଜନ ପାଇଁ ମିନା ବଜାର ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ, ଏବଂ ପ୍ରୋଜେକ୍ଟ ଟର ମାଧ୍ୟମରେ ହକି ଖେଳର ସିଧା ପ୍ରସାରଣ ଦେଖିବାର ବ୍ୟବସ୍ଥା ମଧ୍ୟ କରାଯିବ। ବିଶ୍ୱ ହକି ଟ୍ରଫି ପରିକ୍ରମାର ଭବ୍ୟ ସ୍ୱାଗତ ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗ, ଅଧିକ୍ଷଣ ଯନ୍ତ୍ରୀ ରାସ୍ତା ଓ ଗୃହନିର୍ମାଣ ବିଭାଗ ପ୍ରଫୁଲ୍ଲ କୁମାର ମିଶ୍ର, ପ୍ରକଳ୍ପ ପ୍ରଶାସକ ଆଇ ଟି ଡି ଏ, ବେଣୁଧର ଶବର, ଅଧିକ୍ଷଣ ଯନ୍ତ୍ରୀ ଗ୍ରାମ୍ୟ ଉନ୍ନୟନ ବିଭାଗ ରାଜେନ୍ଦ୍ର କୁମାର ଆଚାର୍ଯ୍ୟ,ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ଜିଲ୍ଲା କ୍ରୀଡ଼ା ଅଧିକାରୀ ମହେନ୍ଦ୍ର କୁମାର ସାହୁ, ଜିଲ୍ଲା ସଂସ୍କୃତି ଅଧିକାରୀ ଘାଷିଆ ହରିଜନ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ କୁମାର ପଟ୍ଟନାୟକ, ଡିପିଓ ହିମାଂଶୁ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ।

# ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



**ନବରଙ୍ଗପୁର,(ପିଏନ):** ନବରଙ୍ଗପୁର ହିର୍ଲି ଯୁବକ ସଙ୍ଘ ତରଫରୁ ଆଜି ଭଲିବଲ ଟୁର୍ଣାମେଣ୍ଟ ହିର୍ଲି ନୂଆ ପଡିଆରେ ଅନୁଷ୍ଠିତ ହେଇଯାଇଛି। ଏହି କାର୍ଯ୍ୟକ୍ରମ ରେ ନବରଙ୍ଗପୁର ବାରିକ ସଙ୍ଘ ର ସଭାପତି ଶ୍ରୀ ଏନ. ଗଣେଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୁଭ ଉଦଘାଟନ କରିଥିଲେ ଏବଂ ଖେଳାଳୀ ମାନଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।ଏହି ପ୍ରତିଯୋଗିତା ରେ ୮ ଟି ଟିମ ଅଂଶ ଗ୍ରହଣ କରିଥିଲେ । ଶେଷ ଦିନ ଫାଇନାଲ ରେ ଦେବ୬ ରନର ହୋଇଥିବା ବେଳେ କ୍ରିଷ୍ଣା୬ ବିଜୟ ଲାଭ କରିଥିଲେ! ବିଜେତା ଙ୍କୁ ମୁଖ୍ୟ ଅତିଥି ଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଥିଲା। ଏହି କାର୍ଯ୍ୟକ୍ରମ କୁ ସନ୍ତୁ, ଶିବ ଏବଂ ନବରଙ୍ଗପୁର ବାରିକ ସଙ୍ଘ ର କର୍ମକର୍ତ୍ତା ସମ୍ପୂର୍ଣ ସହଯୋଗ କରିବା ସହ ପରିଚାଳନା କରିଥିଲେ।

# ଜିଲ୍ଲା ସ୍ତରୀୟ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର



**କେନ୍ଦ୍ରାପଡ଼ା, (ପିଏନ):** କେନ୍ଦ୍ରାପଡା ସଦର ମହକୁମାସ୍ଥିତ ପୌରସଂସ୍ଥାଟାଉନହଲ ପରିସରରେ ଜିଲ୍ଲା ସ୍ତରୀୟ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜିଲ୍ଲା ସ୍ତରୀୟ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ସମ୍ପିତ ସମ୍ପଦ ମଡ଼କର, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପିତାମ୍ବର ସାମଲ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଦୁର୍ଗା ପ୍ରସାଦ ମହାରଣା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ରାଜେନ୍ଦ୍ର ପଣ୍ଡା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଅନିତା ପଟ୍ଟନାୟକ, ଡେପୁଟୀ କଲେକ୍ଟର ଶ୍ରୀକାନ୍ତ ପରିଜା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ, ଲାଇନ ଡିପାର୍ଟମେଣ୍ଟର ନିର୍ବାହୀ ଯନ୍ତ୍ରୀମାନେ ଯୋଗଦେଇ ଅଭିଯୋଗ ଶୁଣାଣିରେ ସହାୟତା ପ୍ରଦାନ କରିଥିଲେ। ଏହି ଅଭିଯୋଗ ଶୁଣାଣି ଶିବିରରେ ମୋଟ ୮୦ଟି ଅଭିଯୋଗ ପଞ୍ଜିକୃତ ହୋଇଥିବା ବେଳେ ସେଥିମଧ୍ୟରୁ ୨ଟି ସାମୁହିକ ଓ ୭୮ଟି ବ୍ୟକ୍ତିଗତ ଅଭିଯୋଗ ରହିଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ମଧୁବାବୁ ପେନସନ ଯୋଜନା, ବିଜୁ ପକ୍କାଘର ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ରାସନକାର୍ଡ, ଜମିଜମା ମାମଲା, ଚିକିତ୍ସା ପାଇଁ ଆର୍ଥିକ ସହାୟତା ପ୍ରଭୃତି ଦରଖାସ୍ତ ଥିବା ବେଳେ ସାମୁହିକ ଅଭିଯୋଗ ମଧ୍ୟରେ ପୂର୍ବ ଅଗ୍ନିକାଣ୍ଡର ତଦନ୍ତ ପାଇଁ ଭାଗବତପୁର ଗ୍ରାମବାସୀ ଓ ସଂଗ୍ରାମ କେଶରୀ ସାମଲଙ୍କ ଆବେଦନ, ମଧୁମିତା ମହାପାତ୍ର ଓ କଂସାର ଗ୍ରାମବାସୀଙ୍କ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ସମ୍ପର୍କରେ ଦରଖାସ୍ତ ଥିଲା। ଅଭିଯୋଗ ଗୁଡିକର ଶୁଣାଣି କରି ଜିଲ୍ଲାପାଳ ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ସମସ୍ୟା ଗୁଡିକର ତୁରନ୍ତ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିବା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ମହାକାଳପଡା ବ୍ଲକ ଅନ୍ତର୍ଗତ ରାମନଗରର ସରୋଜିନୀ ମଣ୍ଡଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୨ହଜାରଟଙ୍କାର ଚିକିତ୍ସା ସହାୟତା ଜିଲ୍ଲାପାଳ ପ୍ରଦାନ କରିଥିବା ବେଳେ ଡେରାବିଶ ବ୍ଲକ ନୂଆଗାଁର ଧନେଶ୍ୱର ନାଥଙ୍କୁ ଚିକିତ୍ସା ସହାୟତା ୫ହଜାରଟଙ୍କା, ରାଇଚାନ୍ଦ ବାସୁଦେବପୁରର ସୁଲୋଚନା ଦେଇଙ୍କୁ ପରିବାର ପ୍ରତିପୋଷଣ ସହାୟତା ୫ହଜାରଟଙ୍କା, ପଟ୍ଟାମୁଣ୍ଡାଇ ଜାମୁକୁନ୍ଦର କୁଳମଣୀ ନାୟକଙ୍କୁ ୫ହଜାରଟଙ୍କା, ମହାକାଳପଡା ବ୍ଲକ ବରକୋଳିଖଳାର ଲିଲି ବାରିକଙ୍କୁ ୫ହଜାରଟଙ୍କାର ଅର୍ଥନୈତିକ ଅନଗ୍ରସର ସହୟତା ରାଶି ରେଡକ୍ରସ ପାଣ୍ଠିରୁ ଜିଲ୍ଲାପାଳ ପ୍ରଦାନ କରିଥିଲେ।

# ୩ଏକର ଜମିର ଧାନ ପୋଡି ନଷ୍ଟ:ସରକାରୀ ସହୟତା ଅପେକ୍ଷାରେ ଚାଷୀ



**ନବରଙ୍ଗପୁର,(ପିଏନ୍):** ଅପରାହ୍ନ ୪ ଘଟିକା ସମୟରେ ଏକ ଧାନ ଗଦାରେ ନିଆଁ ଲାଗି ସମ୍ପୂର୍ଣ୍ଣ ପୋଡି ପାଉଁଶ ହୋଇଯାଇଛି । ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ପାପଡାହାଣ୍ଡି ବ୍ଲକ ଜଟାବାଲ୍ ପଞ୍ଚାୟତ ଅନ୍ତର୍ଗତ ସରାଗୁଡା ଗ୍ରାମରେ। ସରାଗୁଡା ଗ୍ରାମର ଖଗପତି ଭତରା ପିତା ଜଗ ଭତରା ୩ ଏକର ଜମିରେ ଧାନ ଚାଷ କରି ତାଙ୍କ ଖଳାରେ ରଖିଥିଲେ । ଅପରାହ୍ନ କିଛି ଛୋଟ ପିଲାମାନେ ଖଳାରେ ଖେଳୁଥିଲେ , ଏହି ସମୟରେ ହଠାତ ତାଙ୍କ ଧାନ ଗଦା ରେ ନିଆଁ ଲାଗି ଯାଇଥିଲା। ଏହା ଦେଖି ପିଲାମାନେ ଖଗପତି ଙ୍କୁ ଖବର ଦେଇଥିଲେ। ଖଗପତିର ପାଟି ଶୁଣି ସାହି ପଡିସା ଲୋକେ ନିଆକୁ କାବୁ କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ପରେ ଗାଁ ଲୋକେ ପାପଡାହାଣ୍ଡି ଦମକଳ ବାହିନୀ କୁ ଫୋନ କରିଥିଲେ। ଦମକଳ ବାହିନୀ ଆସି ଧାନ ଗଦାର ନିଆକୁ କାବୁ କରିଥିଲେ। ଖଗପତି ଧାର କରଜ କରି ଧାନ ଚାଷ କରିଥିଲେ , ବର୍ତ୍ତମାନ ସେ କେମିତି ଧାର ସୁଝିବେ ବୋଲି ମୁଣ୍ଡରେ ହାତ ଦେଇ ବସିଛନ୍ତି। ଖଗପତି ଙ୍କ ଧାନ କୁ ଆକଳନ କରି ଜିଲ୍ଲା ପ୍ରଶାସନ କ୍ଷତି ପୂରଣ ଦେବାପାଇଁ ଚାଷୀ ମହଲରେ ଦାବି ହୋଇଛି।

## ଭାରସାମ୍ୟ ହରାଇ ବାଇକ ଚାଳକଙ୍କ ମୃତ୍ୟୁ

**ପାପଡାହାଣ୍ଡି,(ପିଏନ):** ଜିଲ୍ଲା ନବରଙ୍ଗପୁର ବ୍ଲକ ପାପଡାହାଣ୍ଡି ଅନ୍ତର୍ଗତ ରେ ଥିବା ଦୁଲପୁର ନିକଟସ୍ଥ ଏନ୍ ଏଚ୍ ୨୬ ବୁଲାଣି ପାଖରେ ଜଣେ ବାଇକ ଚାଳକଙ୍କ ଦୁର୍ଘଟଣା ଘଟିଛି ସେ ହେଉଛନ୍ତି ପଣ୍ଡିକୋଟ ପଞ୍ଚାୟତ ପେଟୁ ଗୁଡା ଗ୍ରାମ ଲାବନ୍ୟ ପ୍ରଧାନ ଙ୍କ ପୁଅ ଗୁପ୍ତ ପ୍ରଧାନ ବୟସ (୩୫) ସେ ବାଇକ ନଂ ଓ ଡି ୨୪ ଜି ୭୧୩୬ ରେ ୧୨ ଘଣ୍ଟା ସମୟ ରେ ପାପଡାହାଣ୍ଡି ରୁ ନିଜ ଗାଁ କୁ ଫେରିବା ସମୟ ରେ ନିଜେ ଭାରସାମ୍ୟ ହରାଇ ଗଛ ରେ ପିଟି ହୋଇଥିଲେ । ଏହାଦ୍ୱାରା ତାଙ୍କ ମୁହଁ ଏବଂ ମୁଣ୍ଡ ରେ ଆଘାତ ହୋଇଥିଲା ।ଏହା ଦେଖି ସ୍ଥାନୀୟ ଲୋକେ ଧାଇ ଆସି ଆମ୍ବୁଲାନ୍ସ ମାଧ୍ୟମ ରେ ପାପଡାହାଣ୍ଡି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ ।ଡାକ୍ତର ତାଙ୍କୁ ଦେଖି ମୃତ୍ୟୁ ଘୋଷଣା କରିଥିଲେ ।ଏହା ପରେ ପୋଲିସ ଘଟଣା ସ୍ଥଳରେ ପହିଛି ତଦନ୍ତ ଆରମ୍ଭ କରିଛନ୍ତି। ଏବଂ ପରିବାର ଲୋକଙ୍କୁ ଫୋନ ମାଧ୍ୟମରେ ଘଟଣାର ଖବର ଦିଆଯାଇଥିଲା। ଏହା ପରେ ପୋଲିସ କୁ ଏଫ୍ ଆଇ ଆର ଦାଖଲ କରି ଥିଲେ। ପାପଡାହାଣ୍ଡି ଥାନାରେ ୨୨୪/୨୨ ରୁଜୁ କରି ମୃତ ଦେହ କୁ ବ୍ୟବଛେଦ କରି ପରିବାର ଲୋକ ଙ୍କୁ ହସ୍ତାନ୍ତର କରିବେ ବୋଲି ସୁଚନା ମିଳିଛି।

# ୨୭ ତମ ଶ୍ରୀକ୍ଷେତ୍ର ପୁସ୍ତକ ମେଳା ଉଦଘାଟିତ




**ପୁରୀ,(ପିଏନ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଜିଲ୍ଲା ପ୍ରଶାସନ ଓ ଶ୍ରୀକ୍ଷେତ୍ର ପୁସ୍ତକ ମେଳା କମିଟି ପକ୍ଷରୁ ଶରଧାବାଲିରେ ଆୟୋଜିତ ୨୭ତମ ପୁସ୍ତକମେଳା ଆଜି ଠାରୁ ଆରମ୍ଭ ହୋଇଛି। ଜିଲ୍ଲାପାଳ ସମର୍ଥ ବର୍ମା ପ୍ରାରମ୍ଭରେ ମେଳାକୁ ପରିଦର୍ଶନ ସହ କମିଟି ସଦସ୍ୟ ଓ ପ୍ରକାଶକ ମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ପରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପକୁମାର ସାହୁ ଯୋଗଦେଇ ଲେଖକ ଓ ପ୍ରକାଶକଙ୍କ ମିଳିତ ପ୍ରୟାସରେ ଓଡ଼ିଆ ପାଠକମାନଙ୍କ ପାଇଁ ଅଧିକରୁ ଅଧିକ ମୂଲ୍ୟବୋଧ ଭିତ୍ତିକ ସାହିତ୍ୟ ସୃଷ୍ଟି ହେବା ଆଜିର ଆବଶ୍ୟକତା ବୋଲି କହିଥିଲେ। ଆଗାମୀ ଦିନରେ ବହିମେଳାକୁ ଅଧିକ ଆକର୍ଷଣୀୟ କରିବାଲାଗି ପ୍ରଶାସନ ସମସ୍ତ ସହଯୋଗ ଦେବ ବୋଲି ସେ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉପ ଜିଲ୍ଲାପାଳ ଭବତାରଣ ସାହୁ, ପର୍ଯ୍ୟଟକଙ୍କ ପାଇଁ ବହିମେଳାରେ ବିଭିନ୍ନ ଭାଷାର ପୁସ୍ତକ ଉପଲବ୍ଧ କରାଇବାକୁ ପ୍ରକାଶନ ସଂସ୍ଥା ମାନଙ୍କୁ ପରାମର୍ଶ ଦେବା ସହ ପାଠକଙ୍କୁ ଭଲବହି ଯୋଗାଇବା ଉପରେ ଗୁରୁତ୍ୱ ଦେଇଥିଲେ। କମିଟିର ସଭାପତି ଡା କୈଳାସ ଚନ୍ଦ୍ରଟିକାୟତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂପାଦକ ଚକ୍ରଧର ମହାପାତ୍ର ସମ୍ପାଦକୀୟ ବିବରଣୀ ପଠନ କରିଥିଲେ। କାର୍ଯ୍ୟକାରୀ ସଭାପତି ଅନାମ ସାହୁ, ଉପସଭାପତି ରାଜକିଶୋର ମିଶ୍ର ଓ ଜଟାଧାରୀ ମିଶ୍ର, ସଂଗଠନ ସଂପାଦକ ପ୍ରସନ୍ନ ମିଶ୍ର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ତଥା ଉପ ନିର୍ଦ୍ଦେଶକ ପର୍ଯ୍ୟଟନ ସରୋଜ ପ୍ରଧାନ ଓ ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ମଞ୍ଚାସୀନ ଥିଲେ। ଏହି ପରିପ୍ରେକ୍ଷୀରେ ବହିବିଚିତ୍ରା, ଅନାମ ସାହୁଙ୍କ ଜାତକ ସମୀକ୍ଷା,ଅଜୟ ପଣ୍ଡାଙ୍କ ପାଠପଢ-ଦେଶ ଗଢ ଓ ରବିନ୍ଦ୍ରନାଥ ପ୍ରଧାନଙ୍କ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହି ମେଳାରେ ରାଜ୍ୟ ଓ ରାଜ୍ୟ ବାହାରୁ ଗ୍ରନ୍ଥ ମନ୍ଦିର, ବିଦ୍ୟାପୁରୀ ଏ.କେ ମିଶ୍ର ଆଣ୍ଡ କୋ, ଚିତ୍ରୋତ୍ପଳା, ସାଇଯମୁନା,ଓଡ଼ିଶା ବୁକ୍ ଷ୍ଟୋର, କଟକ ଲ-ଏଜେନ୍ସି, ଅନୁରାଗ ପବ୍ଲିକେଶନ ସମେତ ୬୦ଟି ପ୍ରକାଶନ ସଂସ୍ଥା ସହ ୧୪୫ଟି ଷ୍ଟଲ ଯୋଗଦାନ କରିଛନ୍ତି। ଆସନ୍ତା କାଲି ଠାରୁ ଚନ୍ଦ୍ରବିଜୟୀଙ୍କ କୁଇଜ୍ ସହ ପ୍ରତିଦିନ ସଂଗୀତ -ନୃତ୍ୟକୁ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ପରିବେଷଣ କରିବେ। ଏଥିସହ ପ୍ରତିଦିନ ମେଳା ମଞ୍ଚରେ କବିତା ପାଠୋତ୍ସବ, ସାହିତ୍ୟ ଆଲୋଚନା ଓ ଜନମଞ୍ଚ ଭଳି କାର୍ଯ୍ୟକ୍ରମ କରାଯିବ ବୋଲି ବହିମେଳା ର ଗଣମାଧ୍ୟମ ସଂପାଦକ ବଦ୍ରି ମିଶ୍ର ଜଣାଇଛନ୍ତି।

# ନବରଙ୍ଗପୁର ମହାବିଦ୍ୟାଳୟ ସ୍ମାର୍ଟ ଶ୍ରେଣୀ ଗୃହଠାରେ ଆର୍ଥିକ ସାକ୍ଷରତା ଉପରେ ସଚେତନତା କାର୍ଯ୍ୟକ୍ରମ




**ନବରଙ୍ଗପୁର(ପିଏନ୍) :**ଆର୍ଥିକ ସାକ୍ଷରତା ଉପରେ ସଚେତନତା ଶିବିର ନବରଙ୍ଗପୁର ଜିଲ୍ଲାର ପ୍ରତିଟି ଗ୍ରାମରେ ଷ୍ଟେଟ ବ୍ୟାଙ୍କ ଏବଂ ଧାନଫାଉଣ୍ଡେସନ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇ ଆସୁଛି କ୍ଷ ଆଜି ଏହି ସଚେତନତା ଶିବିର ନବରଙ୍ଗପୁର ମହାବିଦ୍ୟାଳୟ ସ୍ମାର୍ଟ ଶ୍ରେଣୀ ଗୃହ ଠାରେ କାଲେଜ ଛାତ୍ର ଛାତ୍ରୀଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା । ସର୍ବପ୍ରଥମେ କଲେଜ ଛାତ୍ରୀମାନେ ଫୁଲତୋଡ଼ ଦେଇ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ଆରବିଆଇର ଜେନେରାଲ ମେନେଜର ଦେବି ପ୍ରସାଦ ପଣ୍ଡା , ବିନୋଦ କୁମାର ଦାସ, ଏଲଡିଓ, ସୁନୀଲ କୁମାର ଜାମୁଡା ଏଲ ଡି ଏମ, ନୀଳାଚଳ ସାହୁ ଲିଡ଼ବ୍ୟାଙ୍କ ଆସିସଷ୍ଟାଣ୍ଟଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିବାସହ, ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ । ଜେନେରାଲ ମେନେଜର ଶ୍ରୀ ପଣ୍ଡା ଏବଂ ଏଲଡିଓ ଶ୍ରୀ ଦାସ ଉପସ୍ଥିତ ଛାତ୍ର ଛାତ୍ରୀ ମାନଙ୍କୁ ପ୍ରୋଜେକଟର ମାଧ୍ୟମରେ ସମସ୍ତ ବିଷୟରେ ସଚେତନତା କରେଇଥିଲେ । ଯଥା ଡିଜିଟାଲ ବ୍ୟାଙ୍କିଙ୍ଗ, ନିଜର ସମ୍ପତି ଏବଂ ଋଣ ମଧ୍ୟରେ ସମନ୍ୱୟ ରକ୍ଷାକରି କିପରି ପରିଚାଳନା କରିପାରିବେ । ଆର୍ଥିକ ଆନ୍ତର୍ଭୁକ୍ତି କରଣ,ଫ୍ରଡ଼ କଲ ଯାହାକି ଫୋନରେ କଲ ମାଧ୍ୟମରେ ହେଉଥିବା ଠକେଇରୁ କିପରି ବଞ୍ଚିତ ରହିପାରିବେ । ଗ୍ରାହକ ଭାରତୀୟ ରିଜର୍ଭ ବ୍ୟାଙ୍କ ଲୋକପାଳଙ୍କୁ କିପରି ଅଭିଯୋଗ ଦାଖଲ କରିପାରିବେ । ଅଭିଯୋଗ କରିବାର ସହଜ ଉପାୟ ହେଲା ଆରବିଆଇ ପୋର୍ଟାଲ, ପତ୍ର କିମ୍ବା ଇ-ମେଲ ମାଧ୍ୟମରେ ଅଭିଯୋଗ କରିପାରିବେ । ଅଧିକ ଜାଣିବା ପାଇଁ ଆରବିଆଇ ଟୋଲ ଫ୍ରି ନଂ ୧୪୪୪୮ ରେ ବ୍ୟାଙ୍କ କାର୍ଯ୍ୟ ସମୟରେ ଯୋଗାଯୋଗ କରିହେବ ଏବଂ ଆରବିଆଇ ର ଉଦେଶ୍ୟ ସମ୍ପର୍କରେ ସାମ୍ୟକ ଧାରଣା ଦେଇଥିଲେ କ୍ଷ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପ୍ରିନସିପାଲ ବି. ଏନ. ବିଶ୍ୱାଳ, ଏଫଏଲସି କୋଡିନେଟର ଚନ୍ଦ୍ରଶେଖର ପଟନାୟକ, ଧାନଫାଉଣ୍ଡେସନ ଜୋନାଲ କୋଡିନେଟର କୁଆଁର ପୂର୍ତ୍ତି, ଧାନ ଫାଉଣ୍ଡେସନ କୋଡିନେଟର ପଙ୍କଜ ଚନ୍ଦ୍ର ନାୟକ, ରଞ୍ଜନା ପାଢୀ, ସୁଶିଳା ଗଣ୍ଡ, ମହାବିଦ୍ୟାଳୟର ଅଧାପକ ଅଧାପିକା, କାଲେଜ ଛାତ୍ର ଛାତ୍ରୀ ମାନେ ଉପସ୍ଥିତ ରହିଥିଲେ।

# ଡାବୁଗାଁ ବ୍ଲକର ଗ୍ରାମାଞ୍ଚଳରେ ଦିଆଲି ପର୍ବ ପାଳିତ

**ଡାବୁଗାଁ ,(ପିଏନ):**ନବରଙ୍ଗପୁର ଜିଲା ଆଦିବାସୀ ଅଧ୍ୟୁଷିତ ଡାବୁଗାଁ ବ୍ଲକର ପ୍ରାୟ ୯୦ ପ୍ରତିଶତ ଲୋକ କୃଷି ଉପରେ ନିର୍ଭର କରି ଜୀବିକା ନିର୍ବାହ କରିଥାନ୍ତି । ଏହି ବ୍ଲକର ଆଦିବାସୀ ସଂପ୍ରଦାୟର ଲୋକେ ବର୍ଷକ ମଧ୍ୟରେ ବିଭିନ୍ନ ପ୍ରକାର କୃଷିଭିତ୍ତିକ ପର୍ବ ସହ ଆଞ୍ଚଳିକ ପର୍ବପର୍ବାଣୀ ଏବଂ ଯାନୀଯାତରା ସବୁ ପାଳନ କରିଥାନ୍ତି । ଏଥି ମଧ୍ୟରୁ ଦିଆଲି ପର୍ବ ଅନ୍ୟତମ । ଦିଆଲି ପର୍ବ ଚାଷ ସହ ଜଡିତ ପର୍ବ । ଜମିରୁ ଫସଲ ଅମଳ ହେବା ପରେ ଏହି କୃଷିଭିତ୍ତିକ ପର୍ବ ପାଳନ କରାଯାଏ । ବ୍ଲକର ବିଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ସମୟରେ ଏହି ପର୍ବ ପାଳନ କରାଯାଏ। ଜମିର ଫସଲ ସମ୍ପୂର୍ଣ୍ଣ ଅମଳ ହେବା ପରେ ଗ୍ରାମର ମୁଖିଆ ଏବଂ ଗ୍ରାମବାସୀମାନଙ୍କୁ ନେଇ ଏକ ବୈଠକ ହୋଇଥାଏ । ଏହି ନିର୍ଦ୍ଦିଷ୍ଟ ଗ୍ରାମରେ କେବେ ଦିଆଲି ପର୍ବ ପାଳନ ହେବ ସେନେଇ ବୈଠକରେ ଦିନ ଧାର୍ଯ୍ୟ ହୋଇଥାଏ। ପରେ ଚଲାଣ ଦ୍ୱାରା ଏ ସଂପର୍କରେ ଗ୍ରାମବାସୀଙ୍କୁ ସୂଚନା ଦିଆଯାଏ। ବିଶେଷ କରି ଏହି ପର୍ବ ପ୍ରତିବର୍ଷ ଜମିରୁ ଫସଲ ଅମଳ ହେବା ପରେ ମାର୍ଗଶିର ମାସ ଦ୍ୱିତୀୟ



ସପ୍ତାହଠାରୁ ଆରମ୍ଭ ହୋଇ ପ୍ରାୟ ପୌଷ ମାସ ପର୍ଯ୍ୟନ୍ତ ବ୍ଲକର ବିଭିନ୍ନ ଅଞ୍ଚଳରେ ପାଳନ କରାଯାଇଥାଏ। ଦିଆଲି ପର୍ବ ପୂର୍ବରୁ ଏଠାକାର ଆଦିବାସୀ ମହିଳାମାନେ ଘରର କାନ୍ଥକୁ ସୁନ୍ଦର ଭାବେ ବିଭିନ୍ନ ରଙ୍ଗଦେଇ ସଜେଇଥାନ୍ତି। ବିଶେଷ କରି ଘରକୁ ସୁନ୍ଦର କରିବା ପାଇଁ ରଙ୍ଗ ମାଟି ସହ ଧଳା ଓ ହଳଦିଆ ମାଟିର ଚାହିଦା ଅଧିକ ଥାଏ ।ଆଜି ବ୍ଲକର କିଛି ଗ୍ରାମରେ ଘରକୁ ବିଭିନ୍ନ ରଙ୍ଗରେ ରଙ୍ଗ ଦେଇ ଦିଆଲି ପର୍ବ ପାଳନ ହେଉଥିବା ଦେଖିବାକୁ ମିଳିଛି । ଦିଆଲି ପର୍ବର କିଛି ଦିନ ପୂର୍ବରୁ ଗ୍ରାମବାସୀ ମାନେ ବହଲାଣି ଯାତ୍ରା କରିଥାନ୍ତି । ଏହି ଯାତ୍ରାରେ ଗ୍ରାମର ଶେଷ ମୁଣ୍ଡରେ ଡାଳ ପତ୍ରରେ ସାତଟି ନୂତନ ଘର ତିଆରି କରାଯାଇ ଥାଏ ଏବଂ ଏହି ଘରେ ଗ୍ରାମର ଦେବାଦେବୀ ମାନଙ୍କ ପୂଜା କରାଯାଇଥାଏ । ଏହି ପୂଜା କରିବା ଦ୍ୱାରା ଗ୍ରାମରେ ଥିବା ଗ୍ରାମବାସୀଙ୍କ ସମେତ ଗୃହପାଳିତ ପଶୁପକ୍ଷୀ ମାନେ ରୋଗ ମୁକ୍ତ ହୋଇଥାଆନ୍ତି ବୋଲି ଗ୍ରାମବାସୀଙ୍କ ବିଶ୍ୱାସ ରହିଛି । ଏହି ଅବସରରେ ଗ୍ରାମର ସମସ୍ତ ଦେବାଦେବୀଙ୍କ ପ୍ରତୀକ ଏବଂ ପୂଜକ ମାନେ ବିଭିନ୍ନ ବେଶ ପୋଷାକ ପରିଧାନ କରି ଗ୍ରାମ ପରିକ୍ରମା କରନ୍ତି । ଗ୍ରାମ ପରିକ୍ରମା ବେଳେ ବିଭିନ୍ନ ଦେବା ଦେବୀ ପୂଜକ ମାନଙ୍କ ଦେହରେ ପ୍ରସନ୍ନ ହୋଇଥାନ୍ତି । ଗ୍ରାମବାସୀଙ୍କ ଘରେ ଘରେ ବୁଲି ଗ୍ରାମ ଦେବାଦେବୀ ପୂଜା ପାଆନ୍ତି । ବଉଲାଣୀ ଯାତ୍ରା ଶେଷ ହେବାର କିଛି ଦିନ ପରେ ଦିଆଲି ପର୍ବ ପାଳନ ହୋଇଥାଏ। ସେହିପରି ଗ୍ରାମର ଗୌଡ଼ ସମ୍ପ୍ରଦାୟର ଲୋକ ମାନେ ବର୍ଷ ତମାମ ଗାଇ ଚରାଇଥାନ୍ତି । ସେହିପରି ଦିଆଲି ପର୍ବର ପୂର୍ବଦିନ ଗାଇ ଚରାଳି ମାନେ ମାଲିକ ମାନଙ୍କୁ ଡାକି ଏକ ବୈଠକ କରିବା ସହ ବୈଠକ ସ୍ଥାନ ରେ ନଡ଼ିଆ ଭାଙ୍ଗି ପୂଜା କରନ୍ତି ଓ ନଡ଼ିଆ, ଗୁଡ଼, ଚୁଡା, ମୁଡି କୁ ଏକତ୍ର କରି ପ୍ରସାଦ ସ୍ୱରୂପ ଉପସ୍ଥିତ ଲୋକଙ୍କୁ ବାଣ୍ଟିଥାନ୍ତି । ଯେଉଁ ଦିନ ଦିଆଲି ପର୍ବ ହୁଏ ସେହିଦିନ ଘରେ ଘରେ ବୁଲି ଗୋରୁଗାଇ ମାଲିକ ମାନଙ୍କୁ ମାଛ, ମାଂସ, ପନିର ଇତ୍ୟାଦି ପ୍ରଦାନ କରିଥାନ୍ତି ଓ ବର୍ଷସାରା ଗାଇଗୋରୁ ଚରେଇଥିବା ର ପାଉଣା ସ୍ୱରୂପ ଧାନ ସଂଗ୍ରହ କରି ଆଣିଥାନ୍ତି । ଠିକ ସେହିପରି ଅଂଚଳ ର ମହୁରୀଆ ଓ ବଜନିଆ ମାନେ ମଧ ବର୍ଷ ତମାମ ର ପାଉଣା ସ୍ୱରୂପ ବାଜା ମହୁରୀ ସହ ଘରକୁ ଘର ବୁଲି ଧାନ ଚାଉଳ ସବୁ ସଂଗ୍ରହ କରିଥାନ୍ତି । ଶୁକ୍ରବାର ଓ ଶନିବାର ବ୍ଲକ ର କିଛି ଅଂଚଳ ରେ ଦିଆଲି ପର୍ବ ପାଳିତ ହୋଇଛି । ଗ୍ରାମବାସୀ ମାନେ ଅତି ଆନନ୍ଦ ରେ ଏହି ପର୍ବ କୁ ପାଳୁଥିବା ଦେଖିବାକୁ ମିଳିଛି । ଗ୍ରାମ ର ଝିଅବୋହୁ ମାନେ ଘରଦ୍ୱାର ପରିଷ୍କାର ପରିଚ୍ଛନ୍ନ କରିବା ସହ ଗାଇଗୁହାଳ ମାନଙ୍କ ରେ ଚାଉଳ ଚୁନା ରେ ସୁନ୍ଦର ସୁନ୍ଦର ଝୋଟି ସବୁ ଆଙ୍କିଥିବା ଦେଖିବାକୁ ମିଳିଛି । ଦିଆଲି ପର୍ବ ଦିନ ଜମିରୁ ଅମଳ ହୋଇଥିବା ନୂଆ ଧାନର ଚାଉଳରେ ପ୍ରଥମେ ଖିରି ତିଆରି କରିଥିଲେ । ସେହିପରି ବିଭିନ୍ନ ରକମର ପିଠା ତିଆରି ହୋଇଥିଲା।




# ପେଇଂ ଗେଷ୍ଟ ହେଲେ ବୃଦ୍ଧିପାଏ ମାନସିକ ସମସ୍ୟା





ଉଚ୍ଚଶିକ୍ଷା କିମ୍ବା ଚାକିରି ପାଇଁ ଆଜିକାଲି ଅନ୍ୟ ସହରକୁ ଯିବାକୁ ପଡୁଛି। ଅନେକ ଜଣ ହଷ୍ଟେଲରେ ରହିବାକୁ ପସନ୍ଦ କରୁଥିବାବେଳେ ଆଉ କେତେଜଣ ପେଇଂ ଗେଷ୍ଟ ଭାବେ ରହିବାକୁ ପସନ୍ଦ କରିଥାନ୍ତି। ପେଇଂ ଗେଷ୍ଟ ଭାବେ ରହୁଥିବା ବ୍ୟକ୍ତିଙ୍କ ଭିତରେ ଅନେକ ପ୍ରକାର ମାନସିକ ସମସ୍ୟା ସୃଷ୍ଟି ହେଉଛି ବୋଲି ଏକ ନୂତନ ଗବେଷଣାରୁ ଜଣାପଡ଼ିଛି। ବିଶେଷ ଭାବେ ଏହି କାରଣ ଯୋଗୁଁ ଯୁବପିଢ଼ି ଡିପ୍ରେସନ ଓ ଏଙ୍ଗଜାଇଟିର ବଶବର୍ତ୍ତୀ ହୋଇ ଆତ୍ମହତ୍ୟା ଓ ମାଦକଦ୍ରବ୍ୟ ସେବନ ଭଳି ଭୁଲ ପଦକ୍ଷେପ ନେଉଛନ୍ତି। ବେଙ୍ଗାଲୁରସ୍ଥିତ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ମେଣ୍ଟାଲ ହେଲଥ ଆଣ୍ଡ ନ୍ୟୁରୋସାଇନ୍ସ ପକ୍ଷରୁ ପ୍ରକାଶିତ ଏକ ଗବେଷଣାରୁ ଏହା ଜଣାପଡ଼ିଛି। ଏହି ଗବେଷଣାରେ ୧୮ରୁ ୨୯ ବର୍ଷ ବୟସର ୩୧୫ ଜଣ ଲୋକଙ୍କୁ ସାମିଲ କରାଯାଇଥିଲା, ଯେଉଁମାନେ କି ବିଭିନ୍ନ କାରଣରୁ ପେଇଂ ଗେଷ୍ଟ ଭାବେ ରହୁଥିଲେ। ସେମାନଙ୍କ ମାନସିକ ସ୍ୱାସ୍ଥ୍ୟର ପରୀକ୍ଷା କରିବା ପରେ ଜଣାପଡ଼ିଥିଲା ଯେ ସେମାନଙ୍କ ଭିତରୁ ୧୦ ପ୍ରତିଶତ ମେଜର ଡିପ୍ରେସିଭ ଏପିସୋଡର ଶିକାର ହୋଇଥିବାବେଳେ ୧୪ ପ୍ରତିଶତ ଏଙ୍ଗଜାଇଟିରେ ପୀଡ଼ିତ ଥିଲେ। ସେହିପରି ୨୦୧୫-୧୬ର ନ୍ୟାସନାଲ ମେଣ୍ଟାଲ ହେଲଥ ରିପୋର୍ଟ ଅନୁସାରେ ଦେଶରେ ପେଇଂ ଗେଷ୍ଟ ଯୋଗୁଁ ୨.୮% ଡିପ୍ରେସନ ଓ ୩.୫% ଲୋକ ଏଙ୍ଗଜାଇଟିର ଶିକାର ହୋଇଥିଲେ। ସାଧାରଣ ଲୋକଙ୍କ ତୁଳନାରେ ପେଇଂ ଗେଷ୍ଟ ରହୁଥିବା ଯୁବପିଢ଼ିଙ୍କ ମାନସିକ ସମସ୍ୟା ୪ଗୁଣ ଅଧିକ ବୋଲି ଜଣାପଡ଼ିଛି। ଷ୍ଟଡିରୁ ଜଣାପଡ଼ିଥିଲା ଯେ ପେଇଂ ଗେଷ୍ଟ ଭାବେ ରହୁଥିବା ଲୋକମାନେ ଡିପ୍ରେସନ ଓ ଏଙ୍ଗଜାଇଟିରେ ପୀଡ଼ିତ ହେଲେ ମଧ ମନୋଚିକିତ୍ସକଙ୍କ ପାଖକୁ ଯାଇନଥାନ୍ତି।

**—ଡାକ୍ତର ସମ୍ରାଟ କର,** ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟ ରୋଡ, କଟକ, ଦୂରଭାଷ : ୯୧୩୨୪୩୩୩୩୩

# ବିପୁଳ ପରିମାଣର ଦେଶୀ ମଦ ଜବତ, ୨ ଗିରଫ



ଧର୍ମଶାଳା (ପିଏନ୍): ଯାଜପୁର ଅବକାରୀ ବିଭାଗ ପକ୍ଷରୁ ଧର୍ମଶାଳା ଥାନା ଅନ୍ତର୍ଗତ ସାରୋଇ ପାହାଡ଼ରେ ଦୀର୍ଘଦିନ ହେଲା ଚାଲିଥିବା ଏକ ଦେଶୀରନ୍ଧା ମଦ ତିଆରି କାରଖାନାରେ ଚଡାଉ କରାଯାଇ ବିପୁଳ ପରିମାଣର ରନ୍ଧା ମଦ ଜବତ କରାଯିବା ସହ ୨ ଜଣଙ୍କୁ ଗିରଫ କରାଯାଇଛି। ସୂଚନା ମୁତାବକ ସାରୋଇ ପାହାଡ଼ର ନିଛାଟିଆ ସ୍ଥାନରେ ସ୍ଥାନୀୟ ସାରୋଇ ଅଂଚଳର ଜଣେ ବ୍ୟକ୍ତି ଦୀର୍ଘଦିନ ହେଲା ଦେଶୀମଦ ତିଆରି କରି ବେଆଇଭାବେ ବିକ୍ରୟ କରୁଥିଲେ। ଏ ସମ୍ପର୍କରେ ସୁରାଗ ପାଇ ଯାଜପୁର ଅବକାରୀ ଅଧୀକ୍ଷକ ଅମରେନ୍ଦ୍ର କୁମାର ଜେନାଙ୍କ ନିର୍ଦ୍ଦେଶକ୍ରମେ ଧର୍ମଶାଳା ଅବକାରୀ ଅଧିକାରୀ ଜୟନ୍ତୀ ଆଚାର୍ଯ୍ୟଙ୍କ ନେତୃତ୍ୱରେ କୁଆଖିଆ ଅବକାରୀ ବିଭାଗ ଅଧିକାରୀ ବିଶ୍ୱନାଥ ଜେନାଙ୍କ ସହ ବିଭାଗୀୟ କର୍ମଚାରୀମାନେ ସେଠାରେ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ଅବକାରୀ ବିଭାଗ ଦ୍ୱାରା ମୁଖ୍ୟ ଅଭିଯୁକ୍ତ ସାରୋଇ ଗ୍ରାମର ମାଧବାନନ୍ଦ ଦାସ ଓ ତାର ଜଣେ ସହଯୋଗୀକୁ ଗିରଫ କରିବା ସହ ବିପୁଳ ପରିମାଣର ଦେଶୀ ରନ୍ଧା ମଦ ଜବତ କରିଥିଲେ। ଏଥିସହ ବିପୁଳ ପରିମାଣର ପୋଚ ନଷ୍ଟ କରିବା ସହ ମଦ ତିଆରିରେ ବ୍ୟବହୃତ ଆନୁସାଙ୍ଗିକ ସାମଗ୍ରୀ ଡେକଚି, ପ୍ଲାଷ୍ଟିକ ଜାର, ସାର, ଗୁଡ ଆଦି ବିଭିନ୍ନ ସାମଗ୍ରୀ ଜବତ କରିଛନ୍ତି। ତେବେ ଧର୍ମଶାଳା ଥାନା ଅଂଚଳରେ ପ୍ରଥମ କରି ଏତେ ବଡ଼ ଧରଣର ଦେଶୀ ରନ୍ଧା ମଦ ତିଆରି କାରଖାନା ଠାବ କରାଯାଇଥିବା ଘଟଣା ସମଗ୍ର ଯାଜପୁର ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି।

# କେନ୍ଦୁଝର ଜିଲ୍ଲା କଂଗ୍ରେସର ହାତକୁ ହାତ ଯୋଡ କାର୍ଯ୍ୟକ୍ରମର ପ୍ରସ୍ତୁତି ବୈଠକ



କେନ୍ଦୁଝର (ପିଏନ୍): ଦେଶରେ ଦେଖାଦେଇଥିବା ଦୁର୍ନୀତି, ଭ୍ରଷ୍ଟାଚାର, ବେକାରୀ, ଦରଦାମ ବୃଦ୍ଧି, ଭୁଷୁଡି ପଡିଥିବା ଅର୍ଥନୀତି ଓ ସର୍ବୋପରି ଗଣତନ୍ତ୍ର ଓ ସାମ୍ବିଧାନିକ ଅନୁଷ୍ଠାନ ମାନଙ୍କୁ ରକ୍ଷା କରିବା ଉଦ୍ଦେଶ୍ୟରେ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଦେଶରେ ଚାଲିଥିବା ଭାରତ ଯୋଡ ଯାତ୍ରା ଜନସାଧାରଣଙ୍କ ଅଭୂତପୂର୍ବ ସମର୍ଥନ ମିଳିବାରେ ଲାଗିଛି। ଏହି ଯାତ୍ରାକୁ ନ୍ୟୁନ କରିବା ପାଇଁ ଚେଷ୍ଟା କରୁଥିବା ବିଜେପି ନେତୃବୃନ୍ଦଙ୍କ ଉପଚେଷ୍ଟା ବାରମ୍ବାର ବିଫଳ ହେଉଛି ଏବଂ ଅଧିକ ସଂଖ୍ୟାରେ ଜନସାଧାରଣ ସାମିଲ ହେଉଛନ୍ତି। ଆଗାମୀ ଜାନୁଆରୀ ୨୬ତାରିଖରୁ ତମାମ ଭାରତ ବର୍ଷରେ ହାତକୁ ହାତ ଯୋଡ କାର୍ଯ୍ୟକ୍ରମ ଆରମ୍ଭ ହେବାକୁ ଯାଉଛି। କେନ୍ଦ୍ରର ବିଜେପି ଏବଂ ରାଜ୍ୟର ବିଜେଡି ସରକାରଙ୍କ କୁଶାସନ ବିରୁଦ୍ଧରେ ଲୋକ ସମ୍ପର୍କ ଓ ସଚେତନତା ବୃଦ୍ଧି ପାଇଁ ଓଡିଶାର ପ୍ରତ୍ୟେକ ଗ୍ରାମ ଏବଂ ବୁଥ୍ ସ୍ତରରେ ଦୁଇମାସ ଧରି ଏହି କାର୍ଯ୍ୟକ୍ରମ ଚାଲୁ ରହିବ। କେନ୍ଦୁଝର ଜିଲ୍ଲାରେ ହାତକୁ ହାତ ଯୋଡ କାର୍ଯ୍ୟକ୍ରମର ସୁଫଳ ରୂପାୟନ ପାଇଁ ଜିଲ୍ଲା କଂଗ୍ରେସ କମିଟି ତରଫରୁ ଗତ ମାସ ୩୦.୧୨.୨୦୨୨ରିଖ ଦିବା ୧୧ ଘଟିକା ସମୟରେ ଜିଲ୍ଲା ସଭାପତି ବିପ୍ଲବ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଥିଲା ଏବଂ କାର୍ଯ୍ୟ ଖସଡା ପ୍ରସ୍ତୁତ ହୋଇଥିଲା। କେନ୍ଦୁଝର ଜିଲ୍ଲା ପାଇଁ ନିଯୁକ୍ତି ପର୍ଯ୍ୟବେକ୍ଷକ ଭୁବନ ସାହୁଙ୍କ ସମେତ ଜିଲ୍ଲାର କଂଗ୍ରେସ ନେତୃବୃନ୍ଦ ଏହି ବୈଠକରେ ଯୋଗ ଦେଇଥିଲେ। ବହୁ ଛାମୁଆଁ ସଂଗଠନର ନେତୃବୃନ୍ଦଙ୍କ ସହ ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ଭାରତ ଯୋଡ ଜିଲ୍ଲା ସଂଯୋଜକ ତଥା ସଦର ବ୍ଲକ କଂଗ୍ରେସ ସଭାପତି ଉତ୍ତମ ସାହୁ, ଘଟଗାଁ ବ୍ଲକ କଂଗ୍ରେସ ସଭାପତି ପ୍ରଭାକର ନାୟକ, ସାହାରପଡା ବ୍ଲକ କଂଗ୍ରେସ ସଭାପତି ମୁକୁନ୍ଦ ମହାନ୍ତ, ପାଟଣା ବ୍ଲକ କଂଗ୍ରେସ ସଭାପତି ଶତ୍ରୁଘନ ସିଂ, ତେଲକୋଇ ବ୍ଲକ କଂଗ୍ରେସ ସଭାପତି ଶଶୀକାନ୍ତ ଧୀର, ମହିଳା କଂଗ୍ରେସ ନେତ୍ରୀ ପ୍ରବୀଣା ଦଣ୍ଡପାଟ, କଂଗ୍ରେସର ବରିଷ୍ଠ ନେତା ଲଳିତ ମୋହନ ନାଏକ, ରତ୍ନାକର ଜେନା, ପୟଧର ବେହେରା, ଦିଲ୍ଲୀପ କୁମାର ସାହୁ, ବିଶ୍ୱନାଥ ବେଜ୍, ଦୁଷ୍ମନ୍ତ ଗିରି, ଘନଶ୍ୟାମ ମହାନ୍ତ, ଆର୍ତ୍ତତ୍ରାଣ ଦାସ, ପ୍ରମୋଦ କୁମାର ବେହେରା, ଦୟାନିଧି ମହାନ୍ତ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

## ଅଧିବକ୍ତା ଉମାକାନ୍ତଙ୍କୁ ସମ୍ବର୍ଦ୍ଧନା



ଭୁବନେଶ୍ୱର (ପିଏନ୍): ସ୍ଥାନୀୟ ଜୟଦେବ ବିହାରସ୍ଥିତ ବାଲାଜୀ ମନ୍ଦିର ପ୍ରାଙ୍ଗଣରେ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅଧିବକ୍ତା, ସମାଜସେବୀ ଉମାକାନ୍ତ ତାଣ୍ଡିଙ୍କୁ ଉଲ୍ଲେଖନୀୟ ସମାଜସେବା ପାଇଁ ସମ୍ମାନିତ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ନାରାୟଣ ସେବା ଫାଉଣ୍ଡେସନ୍‌ର ସମ୍ପାଦିକା ସମିତା ମହରଣା, ସମ୍ମାନିତ ଅତିଥି ଭାବେ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ମୁଖପାତ୍ର ସାମ୍ବାଦିକ ଅରବିନ୍ଦ ତ୍ରିପାଠୀ, ସମାଜସେବୀ ସମୀର ମହାପାତ୍ର ଉପସ୍ଥିତ ରହିବା ସହ ଅସହାୟ, ଅଭାବୀ ବ୍ୟକ୍ତିଙ୍କ ସେବା କରିବା ପାଇଁ ସମସ୍ତେ ଆଗେଇ ଆସିବାକୁ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ କବିତା ଘଡ଼େଇ ଓ ସୀତାଂଶୁ ମହାରଣା।

# ଗାଡ଼ିଚାଳନାର ସମୟ କ୍ଷେତ୍ର



**ମୃତ୍ୟୁଯନ୍ତା ସଡ଼କ:** ୨୦୨୧ ମସିହା ତୁଳନାରେ ୨୦୨୨ରେ ରାଜ୍ୟ ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁ ୧୧% କମିଛି। ସବୁଠୁ ଉଦ୍‌ବେଗର ବିଷୟ ରାଜ୍ୟରେ ଘଟୁଥିବା ପ୍ରତି ୧୦୦ଟି ଦୁର୍ଘଟଣାରେ ୪୮ଜଣ ମୃତ୍ୟୁବରଣ କରୁଥିବାବେଳେ ଦେଶରେ ପ୍ରତି ୧୦୦ ଦୁର୍ଘଟଣାରେ ୩୬ଜଣଙ୍କର ମୃତ୍ୟୁ ହେଉଛି। ଭାରତର ରାସ୍ତା ତଥା ଭାରତୀୟ ଗାଡ଼ିଚାଳକମାନେ ହେଉଛନ୍ତି ପୃଥିବୀର ସବୁଠାରୁ ବିପଜ୍ଜନକ। ଏହି ସ୍ଥିତିରେ ପରିବର୍ତ୍ତନ ଆଣିବା ଲାଗି ଦରକାର ଚାଳକମାନଙ୍କ ସାବଧାନତା, ଭଲ ସଡ଼କ ଉପଯୋଗୀ ଗାଡ଼ିର ଚଳାଚଳ ଏବଂ ଖିଲାପିମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ। ଭାରତର ଲାଇଫ୍ ଲାଇନ କୁହାଯାଉଥିବା ସଡ଼କ ପଥ ଗୁଡ଼ିକ ସଂପ୍ରତି ଅସୁରକ୍ଷିତ ହୋଇପଡ଼ିଲାଣି କହିଲେ ଅତ୍ୟୁକ୍ତି ହେବନାହିଁ। ଅଧିକାଂଶ ସଡ଼କ ବର୍ତ୍ତମାନ ସୁଦ୍ଧା ଖାଲ ଖମାରେ ଭର୍ତ୍ତି, ଦୁଇପଟେ ଘର ଉଠୁଥିବାରୁ ଅନେକ ସଡ଼କପଥର କଡ଼ ଅଂଶ ଜବର ଦଖଲ ହୋଇଥାଏ ଯାହାଦ୍ୱାରା ରାସ୍ତାରେ ଗମନା ଗମନ ସଙ୍କୁଚିତ ହେବାକୁପଡ଼େ। ସେହିପରି ସରକାରୀ ଆଇନକାନୁନ୍ ଓ ପରିବହନ ସଂକ୍ରାନ୍ତୀୟ ଜ୍ଞାନ ନଥାଇ ଅନେକ ଗାଡ଼ି ଚାଳକଙ୍କ ନିଜ ଷ୍ଟାଇଲରେ ଗାଡ଼ି ଚଲାଇବାଦ୍ୱାରା ଉଦ୍‌ବେଗଜନକ ଦୁର୍ଘଟଣା ବଢ଼ିଥାଏ। ମଦ୍ୟପାନ ବା ନିଶାସେବନ କରି ଗାଡ଼ି ଚଳାଉଥିବା ଚାଳକଙ୍କ ସଂଖ୍ୟା ଦିନକୁ ଦିନ ଉଦ୍‌ବେଗଜନକ ଭାବରେ ବଢ଼ିବାରେ ଲାଗିଛି। ସଡ଼କଟି ପାଦ ଚଲା ଲୋକଙ୍କ ପାଇଁ ଅସୁରକ୍ଷିତ ହୋଇପଡ଼ିଲାଣି। ମୋବାଇଲ ଫୋନରେ ଗପିବାର ବ୍ୟସ୍ତ ରହି ଅନେକ ପଥଚାରୀ ସହଜେ ଦୁର୍ଘଟଣାର ଶିକାର ହୋଇଥାନ୍ତି। ଉତ୍ତମ ଗମନାଗମନର ସୁଯୋଗ ତଥା ଲୋକମାନଙ୍କ ଭିତରେ ସମ୍ପର୍କର ଦୂରତ୍ୱକୁ କମାଇବା ପାଇଁ ସରକାର ସଡ଼କ ଯୋଗାଯୋଗ ବ୍ୟବସ୍ଥାକୁ ପ୍ରାଥମିକତା ଦେଇ ଏହାର ତମାମ ଉନ୍ନତି ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି। ତେବେ ଏସବୁ ଭିତରେ ସଚେତନତା ବଢ଼ାଇବା ଆମ ମାନଙ୍କର ପ୍ରମୁଖ କର୍ତ୍ତବ୍ୟ।

ଏକ ଅନୁଧ୍ୟାନରୁ ଦେଖାଯାଇଥିଲା ଯେ, ଡ୍ରାଇଭରମାନେ କ୍ରମାଗତ ଅଧିକ ସମୟ ଗାଡ଼ି ଚଳାଇ ଶୋଇବାକୁ ସମୟ ପାଉନଥିବାରୁ କ୍ଲାନ୍ତ ହୋଇଯାଉଛନ୍ତି ଏବଂ ତାହା ଭାରତରେ ଅଧିକ ରାସ୍ତା ଦୁର୍ଘଟଣା ଓ ତତଜନିତ ମୃତାହତର ସବୁଠାରୁ ବଡ଼ କାରଣ। ପ୍ରକୃତରେ ବିଶ୍ୱସ୍ତରରେ ଭାରତରେ ରାସ୍ତା ନିରାପତ୍ତା ରେକର୍ଡ଼ ଅତି ଖରାପ। ଉପରୋକ୍ତ ସ୍ଥିତିରେ ଏବେ ଟ୍ରକ, ବସ ଓ ବ୍ୟବସାୟିକ ଯାନଗୁଡ଼ିକ ଲାଗି ଡ୍ରାଇଭରମାନଙ୍କ ସକାଶେ ଗାଡ଼ି ଚଳାଇବା ସମୟ ସୀମିତ କରିବାକୁ ଚିନ୍ତା କରାଯାଉଛି। ଏଥିପାଇଁ ଏକ ନୀତି ବିଚାର କରାଯାଉଛି। ବିମାନ ପାଇଲଟ ମାନଙ୍କ ପରି ଡ୍ରାଇଭରମାନେ କ୍ରମାଗତ ନିର୍ଦ୍ଦିଷ୍ଟ ସମୟ ସକାଶେ ଗାଡ଼ି ଚଳାଇବାକୁ ସ୍ଥିର କରାଯିବ। କେନ୍ଦ୍ର କ୍ୟାବିନେଟର ଅନ୍ୟତମ ଦକ୍ଷ ଓ ଉତ୍ସାହୀମନ୍ତ୍ରୀ ଭାବେ ଜଣାଶୁଣା ରାସ୍ତା ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ଏ ଦିଗରେ ଆଗ୍ରହୀ। ପାଶ୍ଚାତ୍ୟ ଦେଶଗୁଡ଼ିକ ଭଳି ବ୍ୟବସାୟିକ ଯାନଗୁଡ଼ିକରେ ସେ ଡ୍ରାଇଭରମାନଙ୍କର ଶୋଇବା ବା ଘୁମାଇବା ଧରିବାକୁ ସେନ୍ସର ଲଗାଇବାକୁ ଚାହାଁନ୍ତି। ଅନେକ ଦେଶରେ ଡ୍ରାଇଭରମାନେ କେତେ ସମୟ କାମ କରୁଛନ୍ତି ତାହା ଜାଣିବା ପାଇଁ ଇଲେକ୍ଟ୍ରୋନିକ ଲଗିଂ ବ୍ୟବସ୍ଥା ରହିଛି। ସରକାରଙ୍କ ଏହି ଯୋଜନାକୁ ସବୁ ଦିଗରୁ ସମର୍ଥନ ମିଳିବା ଦରକାର। କାରଣ ଏଥିଲାଗି ପରିବହନ ଉଦ୍ୟୋଗରେ କେବଳ ଏକ ବିଜ୍ଞପ୍ତି ବା ନିର୍ଦ୍ଦେଶନାମା କାମ ଦେବ ନାହିଁ। କରୋନା ବେଳେ ପରିବହନ କ୍ଷେତ୍ର ଯଥେଷ୍ଟ ପ୍ରଭାବିତ ହୋଇଛି। ଏବେ ପେଟ୍ରୋଲ, ଡିଜେଲ ଦର ବୃଦ୍ଧି ସେହି କ୍ଷେତ୍ରରେ ଚାପକୁ ବଢ଼ାଇଛି। ଘରୋଇ ଗାଡ଼ି ବ୍ୟବସାୟୀମାନେ ଡ୍ରାଇଭରମାନଙ୍କ ପାଇଁ ସର୍ବାଧିକ ଗାଡ଼ି ଚଳାଇବା ସମୟ ନିର୍ଦ୍ଧାରଣ ନିଷ୍ପତ୍ତିରେ ଖୁସ ନହୋଇପାରନ୍ତି ତଦ୍ୱାରା ସେମାନଙ୍କ ଖର୍ଚ୍ଚ ବଢ଼ିଯିବ। ଏ ଦୃଷ୍ଟିରୁ ଉପରୋକ୍ତ ପ୍ରସ୍ତାବ ଉପରେ ବାସ୍ତବବାଦୀ ଆଭିମୁଖ୍ୟ ନେବାକୁ ହେବ। ସରକାର ଓ ଶିଳ୍ପ ବ୍ୟବସାୟିକ ଉଦ୍ୟୋଗ ଏହା ଉପରେ ଖୋଲାଖୋଲି ଆଲୋଚନା କରିବା ଦରକାର। ତାପରେ ହିଁ ନିୟମାବଳୀରେ ପରିବର୍ତ୍ତନ ଅଣାଗଲେ ଭଲ ହେବ।

ଡ୍ରାଇଭରମାନେ କେତେ ସମୟ ଗାଡ଼ି ଚଳାଇବା ଓ ବିଶ୍ରାମ ନେବେ ସେ ସମ୍ପର୍କରେ ଆଗରୁ ବ୍ୟବସ୍ଥା ରହିଛି। ୧୯୬୧ରେ ପ୍ରଣୀତ ମଟର ପରିବହନ କର୍ମଚାରୀ ଆଇନରେ ଏହି ପ୍ରସଙ୍ଗ ଅନ୍ତର୍ଭୁକ୍ତ ଥିଲା। ଘରୋଇ ଟ୍ରକ, ବସ୍ ଓ ଟ୍ୟାକ୍ସି ଚାଳକମାନେ ଏହି ବ୍ୟବସ୍ଥାକୁ ପ୍ରାୟତଃ ମାନନ୍ତି ନାହିଁ। କିନ୍ତୁ ସରକାରୀ ଷ୍ଟାଫ ଏ ସମ୍ପର୍କରେ ନିଜର ଆପତ୍ତି ଜଣାଇଛନ୍ତି। ପଞ୍ଜାବ ଓ ହରିଆନା ହାଇକୋର୍ଟ ଏ ପ୍ରସଙ୍ଗରେ କହିଛନ୍ତି ଯେ ହରିଆନାର ସରକାରୀ ବସ ଡ୍ରାଇଭରମାନେ ଦିନକୁ ୧୦ ଘଣ୍ଟାରୁ ଅଧିକ ବା ସପ୍ତାହକରେ ୪୮ ଘଣ୍ଟାରୁ ଅଧିକ ସମୟ ଗାଡ଼ି ଚଳାଇବେ ନାହିଁ ଏବଂ ଦୀର୍ଘପଥ ଅତିକ୍ରମ କରୁଥିଲେ ସେମାନଙ୍କ ପାଇଁ ଅତିରିକ୍ତ ବିଶ୍ରାମ ବ୍ୟବସ୍ଥା କରାଯିବ। ଘରୋଇ ଡ୍ରାଇଭରମାନଙ୍କ ପାଇଁ ସେହି ନିୟମ ଲାଗୁ ହେଲେ ରାସ୍ତା ନିରାପତ୍ତା ବଢ଼ିବ ଓ କର୍ମଚାରୀମାନଙ୍କର କଲ୍ୟାଣ ମଧ ହେବ। ଜାତୀୟ ସ୍ତରରେ ଏ ଦିଗରେ ପଦକ୍ଷେପ ନିଆଯିବା ଲୋଡ଼ା। ମଟରଗାଡ଼ି ଆଇନ ସଂଶୋଧନରେ ଭାରତରେ ରାସ୍ତା ପରିହବନ ବ୍ୟବସ୍ଥାରେ ଅଧିକ ଶୃଙ୍ଖଳା ଅଣାଯିବ ବୋଲି ଆଶା କରାଯାଉଥିଲା। ନିୟମକୁ କଠୋର କରି କଡ଼ା ଦଣ୍ଡ ବ୍ୟବସ୍ଥା ଦ୍ୱାରା ହିଁ ରାସ୍ତାରେ ଭାରତୀୟମାନଙ୍କର ଆଚରଣକୁ ଶୃଙ୍ଖଳିତ କରିହେବ। ଏ ଦିଗରେ ଅଗ୍ରଗତି ମନ୍ଥର। ଟ୍ରାଫିକ ନିୟମର ଉଲ୍ଲଘଂନ ବ୍ୟତୀତ ରାସ୍ତାରେ ଗାତ ଓ ଖାଲ ମଧ ଦୁର୍ଘଟଣାର ଅନ୍ୟତମ କାରଣ। ଭାରତରେ ଅସଂଖ୍ୟ ଗଳିରାସ୍ତା ରହିଛି। ରାସ୍ତାଗୁଡ଼ିକରେ ଟ୍ରାଫିକ ସିଗନାଲ କ୍ୱଚିତ କାମ କରୁଛି ବା ନାହିଁ। ସମଗ୍ର ରାସ୍ତା ବ୍ୟବସ୍ଥାରେ ଏ ଦିଗ ଗୁଡ଼ିକୁ ମଧ ଦୃଷ୍ଟି ଦିଆଯିବା ଦରକାର। ତେବେ ଏ କ୍ଷେତ୍ରରେ ସମସ୍ତଙ୍କ ସହଯୋଗ ଓ ସମର୍ଥନ ଓ ସଚେତନତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କେବଳ ସରକାର ଓ ପ୍ରଶାସନ ଉପରେ ଦାୟିତ୍ୱ ନ୍ୟସ୍ତ କରିଦେଲେ ହେବନାହିଁ।

**ଅଭୟ କୁମାର ଦାସ,** ଗୋତରା, ମାହାଙ୍ଗା, କଟକ, ଦୂରଭାଷ : ୯୪୩୭୧୪୨୭୧୭

# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G, Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

# କେନ୍ଦୁଝର ଜିଲ୍ଲାରେ ୬୩୭ ଜଣ ଶିକ୍ଷକ ପଦୋନ୍ନତି ପାଇଲେ



କେନ୍ଦୁଝର (ପିଏନ୍): କେନ୍ଦୁଝର ଜିଲ୍ଲାରେ ୬୩୭ ଜଣ ଶିକ୍ଷକ/ଶିକ୍ଷୟିତ୍ରୀ ଲେବୁଲ ଭି(ବି)ରୁ ଆଇଭିକୁ ପଦୋନ୍ନତି ପାଇଛନ୍ତି। ଏଥିମଧ୍ୟରୁ ୨୫୯ ଜଣ ଶିକ୍ଷକ/ଶିକ୍ଷୟିତ୍ରୀଙ୍କର ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ପଦବୀକୁ ପଦୋନ୍ନତି ହୋଇଛି। ୨୯୨ଜଣ ଶିକ୍ଷକ/ଶିକ୍ଷୟିତ୍ରୀ ଗ୍ରାଜୁଏଟ (କଳା) ଏବଂ ୮୬ ଜଣ ଶିକ୍ଷକ/ଶିକ୍ଷୟିତ୍ରୀ ଗ୍ରାଜୁଏଟ (ବିଜ୍ଞାନ)କୁ ପଦୋନ୍ନତି ପାଇଛନ୍ତି। କାଉନସେଲିଂ ପରେ ଏହି ଶିକ୍ଷକମାନେ ବିଭିନ୍ନ ବ୍ଲକରେ ୟୁଜିଏମଇ ସ୍କୁଲରେ ଖାଲିଥିବା ପଦବୀରେ ନିଯୁକ୍ତି ପାଇବେ। କେନ୍ଦୁଝର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ଉପସ୍ଥିତିରେ ସୁଚାରୁରୂପେ କାଉନସେଲିଂ ଚାଲିଛି। ଯେଉଁ ଶିକ୍ଷକ/ଶିକ୍ଷୟିତ୍ରୀ ନିଜ ବ୍ଲକରେ ସ୍ଥାନ ପାଇପାରିନାହାଁନ୍ତି, ସେମାନେ ଜିଲ୍ଲାସ୍ତରୀୟ କାଉନସେଲିଂରେ ଅଂଶଗ୍ରହଣ କରି ଅନ୍ୟ ବ୍ଲକ ଚୟନ କରିପାରିବେ। ଯଦି ଆବଶ୍ୟକ ଖାଲି ପଦବୀ ନଥାଏ ସେମାନେ ପଦୋନ୍ନତିରୁ ବଞ୍ଚିତ ହେବେ। ଏହି କାଉନସେଲିଂରେ ସଦର ବିଇଓ କ୍ଷେତ୍ରମୋହନ ହାଁସଦା, ପାଟଣା ବିଇଓ ପୂର୍ଣ୍ଣଚନ୍ଦ୍ର ଅମାତ, ଝୁମ୍ପୁରା ବିଇଓ ଦୁଃଶାସନ ସିଂ, ପାଟଣା ଏବିଇଓ ସଚ୍ଚିଦାନନ୍ଦ ସେଠୀ, ବାଂଶପାଳ ଏବିଇଓ ନିରଂଜନ ନାୟକ, ତେଲକୋଇ ଏବିଇଓ କମଳଲୋଚନ ବିଶ୍ୱାଳ, ଶିକ୍ଷକ ଗୌରଚନ୍ଦ୍ର ମହାନ୍ତ, କିରାଣୀ ଅନନ୍ତ ନାରାୟଣ ସାହୁ ପ୍ରମୁଖ କାଉନସେଲିଂରେ ସହଯୋଗ କରିଥିଲେ।

# ବିଶିଷ୍ଟ ପରିବେଶବିତ୍ ରମେଶ ଚନ୍ଦ୍ର ମିଶ୍ର ସେହେସ ଟ୍ରଷ୍ଟ ଅଫ୍ ଇଣ୍ଡିଆ ତରଫରୁ ସମ୍ମାନୀତ




କେନ୍ଦୁଝର (ପିଏନ୍): ଶିକ୍ଷା, ସ୍ୱାସ୍ଥ୍ୟ, ଜଳ, ମୃତ୍ତିକା ସଂରକ୍ଷଣ ଓ ପରିବେଶ ଉପରେ କାର୍ଯ୍ୟ କରୁଥିବା ଅଗ୍ରଣୀ ଅନୁଷ୍ଠାନ ସେହେସ ଟ୍ରଷ୍ଟ ଅଫ୍ ଇଣ୍ଡିଆ ପକ୍ଷରୁ ୨୦୨୨ ମସିହାର ସମ୍ମାନ ପ୍ରଦାନ କରାଯାଇଛି। କେନ୍ଦୁଝର ଜିଲ୍ଲାରେ ପରିବେଶର ସୁରକ୍ଷା ଦିଗରେ ମାଗଣାରେ ଲକ୍ଷ ଲକ୍ଷ ଚାରା ବଣ୍ଟନ କରିବା ଓ ସେହି ଚାରାର ରକ୍ଷଣାବେକ୍ଷଣ କରିବା ସହ ଠିକ୍ ଭାବରେ ବୃକ୍ଷରାଜିର ଯତ୍ନ ନେବା କାର୍ଯ୍ୟ କରି ସୁନାମ ଅର୍ଜନ କରିଥିବା ବିଶିଷ୍ଟ ପରିବେଶବିତ୍ ରମେଶ ଚନ୍ଦ୍ର ମିଶ୍ରଙ୍କୁ ସମ୍ମାନୀତ କରିବା ପାଇଁ ସେହେସ ଟ୍ରଷ୍ଟ ଅଫ୍ ଇଣ୍ଡିଆ ଗୌରବ ପ୍ରଦାନ କରିଛି। ଏହି ଅବସରରେ ଟ୍ରଷ୍ଟର ସଭାପତି ଶ୍ରୀମତୀ ସବିତା ମିଶ୍ର ରମେଶ ଚନ୍ଦ୍ର ମିଶ୍ରଙ୍କୁ ଉପଢୌକନ ଓ ମାନପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରିଷ୍ଠ ପ୍ରାଧ୍ୟାପକ ତଥା ସାହିତ୍ୟିକ ଡକ୍ଟର ଅମୀଲ କୁମାର ଦାସ, ସିଆରଏମ୍ ପବ୍ଲିକ ସ୍କୁଲର ଟ୍ରଷ୍ଟି ରାଧାକାନ୍ତ ରାଉତ, ସମ୍ମାନୀତ ଅତିଥି ଭାବେ ରୋଟାରୀ ଗ୍ରୀନ୍ କେନ୍ଦୁଝରର ସଭାପତି ସୁଧାଂଶୁ ପଟ୍ଟନାୟକ, ଅନ୍ୟତମ ଅତିଥି ବରିଷ୍ଠ ଶିକ୍ଷାବିତ କଳ୍ପନା ଦେବୀ, ମୁଖ୍ୟବକ୍ତା ଭାବେ ଗାୟତ୍ରୀ ପରିବାରର ସଭ୍ୟ ତଥା ବରିଷ୍ଠ ପ୍ରାଧ୍ୟାପକ ଡକ୍ଟର ପ୍ରସନ୍ନ କୁମାର ପତି, ଆଦିବାସୀ ଓ ଜୁଆଙ୍ଗ ସଂସ୍କୃତି ଗବେଷକ ତଥା ଟ୍ରଷ୍ଟି ଡକ୍ଟର ନୀଳାଦ୍ରି ବିହାରୀ ମିଶ୍ର ପ୍ରମୁଖ ପରିବେଶର ସୁରକ୍ଷା ଓ ବଢୁଥିବା ବିଶ୍ୱତାପନ ଉପରେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ପରିବେଶବିତ୍ ଶ୍ରୀ ମିଶ୍ର ଏ ଦିଗରେ ନିଜର ଅବସରକାଳୀନ ଅର୍ଥ ଖର୍ଚ୍ଚ କରି କେନ୍ଦୁଝର ଜିଲ୍ଲାର ଜଂଘିରା ଓ ତୋରାଣୀପୋଖରୀଠାରେ ଚାରା ବିତରଣ କେନ୍ଦ୍ରରେ ଚାରା ତିଆରି କରି ଗ୍ରାମ ଗ୍ରାମରେ ଲୋକମାନଙ୍କୁ ବାଣ୍ଟି ପରିବେଶ ସୁରକ୍ଷାରେ ବ୍ରତୀ ହୋଇଥିବାରୁ ତାଙ୍କୁ ପ୍ରଶଂସା କରାଯାଇଥିଲା। ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ୍ ମେମ୍ବର ତଥା ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡକ୍ଟର ବନବିହାରୀ ମିଶ୍ର, ବିଶ୍ୱର ବିଭିନ୍ନ ଦେଶର ପରିବେଶବିତ, ବୈଜ୍ଞାନିକ ଓ ଶିକ୍ଷାବିତମାନଙ୍କୁ ସେମାନଙ୍କର ଅତୁଳନୀୟ ଅବଦାନ ପାଇଁ ଏହି ଶିକ୍ଷା ଓ ଗବେଷଣା ସମ୍ମାନ ପ୍ରଦାନ କରାଯାଇଥିବା କଥା କହିଥିଲେ। ଡକ୍ଟର ବନବିହାରୀ ମିଶ୍ର ନିଜ ବକ୍ତବ୍ୟରେ ଲୋକମାନଙ୍କ ଭିତରେ ସଚେତନତା ବୃଦ୍ଧି କରିବା ଉପରେ ଜୋର ଦେଇଥିଲେ। ସେହେସ ଟ୍ରଷ୍ଟ ଅଫ୍ ଇଣ୍ଡିଆର ଅନ୍ୟତମ ଟ୍ରଷ୍ଟି ତଥା ପରିବେଶବିତ୍ ସତ୍ୟଜିତ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ୨୪ତମ ସମାଜମଙ୍ଗଳ ହୁଣ୍ଡିରୁ କର୍କଟ ପୀଡ଼ିତ ଶୁଭ୍ରାଂଶୁଙ୍କୁ ସାହାଯ୍ୟ



ଭୁବନେଶ୍ୱର (ପିଏନ୍): ସାମାଜିକ ଅନୁଷ୍ଠାନ କଳ୍ପନା ଛକ ଟୋକା ସଂଘର ୨୪ତମ ସମାଜ ମଙ୍ଗଳ ହୁଣ୍ଡିଦାନ କାର୍ଯ୍ୟକ୍ରମ କଳ୍ପନା ଛକଠାରେ ଅନୁଷ୍ଠିତ ହୋଇଯାଇଛି। ସମାଜମଙ୍ଗଳ ହୁଣ୍ଡି ଭାଙ୍ଗି ହୁଣ୍ଡିରୁ ଆଦାୟ ମୋଟ ୧୮ ହଜାର ୩୩୫ ଟଙ୍କା ଅର୍ଥରାଶି ଖୋର୍ଦ୍ଧା ବୋଲଗଡ଼ ବେଗୁନିଆଁ ଅଞ୍ଚଳର ୧୮ ବର୍ଷର କର୍କଟ ପୀଡ଼ିତ ଶୁଭ୍ରାଂଶୁ ସବ୍ୟସାଚୀ ସାହୁଙ୍କୁ ପ୍ରଦାନ କରିଛି ସଂଘ। ସଙ୍ଘ ପ୍ରତିଷ୍ଠାତା ବାପୁ ଓଝାଙ୍କ ସଭାପତିତ୍ୱରେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଯୋଗଦେଇ ସମାଜ ମଙ୍ଗଳ ହୁଣ୍ଡି ଭାଙ୍ଗିଥିଲେ ଓ ଏହି କାର୍ଯ୍ୟକ୍ରମ ବ୍ୟାପକ ପ୍ରଚାର ପ୍ରସାର ହେଲେ ଅନେକ କର୍କଟ ପୀଡ଼ିତ ଆର୍ଥିକ ସହଯୋଗ ପାଇପାରିବେ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ୪୨ ନମ୍ବର ୱାର୍ଡ଼ର କର୍ପୋରେଟର ଆଶିଷ କୁମାର ପଟ୍ଟନାୟକ, ବଡ଼ଗଡ଼ ଗ୍ରାମର ବିଶିଷ୍ଟ ସମାଜସେବୀ ଆଦିତ୍ୟ ଗଜେନ୍ଦ୍ର, ସାମ୍ବାଦିକ କିଶନ ବରାଇ, ସାମ୍ବାଦିକ ଲକ୍ଷ୍ମୀକାନ୍ତ ଦସ (ନବୀନ), ସାମ୍ବଦିକ ପ୍ରଶାନ୍ତ ଦାସ, କର୍ପୋରେଟର ଭରତ ଲେଙ୍କା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିଥିଲେ। ଧୀରେନ ଶଙ୍କର ଦାସ, ରୋହିତ କୁମାର, ସଞ୍ଜୟ ପରିଡ଼ା, ଚିତ୍ତରଞ୍ଜନ ଦାସ, ଭୁବନାନନ୍ଦ ସାମନ୍ତ, ବର୍ଷା ଦାସ, ମମତା ପ୍ରିୟଦର୍ଶିନୀ ମହାପାତ୍ର, ନିରଞ୍ଜନ ସାହୁ, ଶ୍ରୀକାନ୍ତ ମିଶ୍ର, ବିଶ୍ୱଜିତ ଦାସ, ଲୋଚନ ବେହେରା, କବଚ ବେହେରା ପ୍ରମୁଖ ସଂଘର ସଦସ୍ୟମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ସଂଘ ସଭାପତି ଧୀରେନ ରାୟ।




# ମହାବଳ ବାଘ ଛାଲ ଜବତ, ମୂଲଚ଼ାଲ ବେଳେ ମାଡି ବସିଲା ପୁଲିସ




**ପାପଡାହାଣ୍ଡି (ପିଏନ):** ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ଥାନା ଅନ୍ତର୍ଗତ ମୃଗ ବିହାର ନିକଟରେ ମହାବଳ ବାଘ ଛାଲ ବିକ୍ରି ପାଇଁ ଚ଼ାଲିଥିଲା ମୂଲଚ଼ାଲ। କୌଣସି ସୂତ୍ରରୁ ଖବର ପାଇ ପୁଲିସ ଘଟଣାସ୍ଥଳରୁ ଜଣଙ୍କୁ ଗିରଫ କରିବା ସହିତ ମହାବଳ ବାଘର ଛାଲ ଜବତ କରିଛି। ଗିରଫ ଯୁବକ ଜଣଙ୍କ ପାପଡାହାଣ୍ଡି ବ୍ଲକ ସଦର ମହକୁମା ସତନାମୀ ସାହିର କମଳ କୁମାର ମହାନ୍ତି(୩୦) ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚ଼ନା ଦେଇଛନ୍ତି ନବରଙ୍ଗପୁର ଡିଏସ୍‌ପି ଚ଼ନ୍ଦ୍ର ଶେଖର ହୋତା।

ଶ୍ରୀ ହୋତାଙ୍କ କହିବା ଅନୁଯାୟୀ, ଗତକାଲି ଅପରାହ୍ନ ପ୍ରାୟ ୫ଟାରେ ସ୍ଥାନୀୟ ମୃଗ ବିହାର ନିକଟରେ ମହାବଳ ବାଘ ଛାଲ ବିକ୍ରି ପାଇଁ ମୂଲଚ଼ାଲ ଚ଼ାଲିଥିବା ନେଇ ବିଶେଷ ସୂତ୍ରରୁ ନବରଙ୍ଗପୁର ଏସ୍‌ପି ଏସ୍. ସୁଶ୍ରୀ ଖବର ପାଇଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ପାପଡାହାଣ୍ଡି ଥାନା ଏସ୍‌ଆଇ ଶିବଜୀ ପଣ୍ଡାଙ୍କ ନେତୃତ୍ୱରେ ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ରାସ୍ତା କଡରେ ମହାବଳ ବାଘ ଛାଲ ଧରି ଠିଆ ହୋଇଥିବା ଜଣେ ଯୁବକଙ୍କୁ ଗିରଫ କରିବା ସହିତ ବାଘ ଛାଲ ଜବତ କରିଥିଲା। ପଚ଼ରାଉଚ଼ରା ପରେ ଗିରଫ ଯୁବକ ଜଣଙ୍କ ପାପଡାହାଣ୍ଡି ସତନାମୀ ସାହିର କମଳ କୁମାର ମହାନ୍ତି ବୋଲି ଜଣାପଡିଥିଲା। ତେବେ କମଳ ମହାବଳ ବାଘର ଛାଲ କେଉଁଠୁ ଆଣିଲା ଏବଂ ଏହି ରାକେଟରେ ଆଉ କେଉଁମାନେ ସଂପୃକ୍ତ ଅଛନ୍ତି ସେନେଇ ଅଧିକ ତଦନ୍ତ ଜାରି ରହିଛି। ଏଥି ସହ ଜବତ ଛାଲ ମହାବଳ ବାଘର କି ନୁହେଁ ଜାଣିବା ନିମନ୍ତେ ଉତ୍ତରାଖଣ୍ଡର ଦେହେରାଡୁନ ପରୀକ୍ଷାଗାରକୁ ପଠାଯିବ ବୋଲି ଶ୍ରୀ ହୋତା ସୂଚ଼ନା ଦେଇଛନ୍ତି। ଏନେଇ ପାପଡାହାଣ୍ଡି ଥାନାରେ କେଶ ନଂ-୨୨୯/୨୨ ଅନୁଯାୟୀ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ କମଳକୁ କୋର୍ଟ ଚ଼ାଲାଣ କରାଯାଇଛି। ପାପଡାହାଣ୍ଡି ଥାନା ଅଧିକାରୀ ରାମେଶ୍ୱର ପ୍ରଧାନ ଏହି ଘଟଣାର ତଦନ୍ତ ଜାରି ରଖିଛନ୍ତି। ସାମ୍ବାଦିକ ସମ୍ମିଳନୀ ସମୟରେ ନବରଙ୍ଗପୁର ଡିଏସ୍‌ପି ଚ଼ନ୍ଦ୍ରଶେଖର ହୋତା, ପାପଡାହାଣ୍ଡି ଏସ୍‌ଡିପିଓ ଆଦିତ୍ୟ ସେନ, ଏସ୍‌ଆଇ ଶିବଜୀ ପଣ୍ଡାଙ୍କ ସହିତ ଥାନାର କର୍ମଚ଼ାରୀ ଉପସ୍ଥିତ ଥିଲେ।

# ବନ୍ଧନ ବ୍ୟାଙ୍କ ପକ୍ଷରୁ ନୂଆ ବ୍ରାଣ୍ଡ ଅଭିଯାନ-ଜହାଁ ବନ୍ଧନ, ୱହାଁ ଟ୍ରଷ୍ଟ ଉନ୍ମୋଚିତ

**ଭୁବନେଶ୍ୱର(ପିଏନ):** ଦେଶର ଅନ୍ୟତମ ଦ୍ରୁତ ଅଭିବୃଦ୍ଧିଶୀଳ ବ୍ୟାଙ୍କ ବନ୍ଧନ ବ୍ୟାଙ୍କ ପକ୍ଷରୁ ବ୍ୟାଙ୍କର ବ୍ରାଣ୍ଡ୍ ଆମ୍ବାସାଡରର କ୍ରିକେଟ୍ କିମ୍ବଦନ୍ତୀ ସୌରଭ ଗାଙ୍ଗୁଲିଙ୍କୁ ନେଇ ନୂଆ ସମନ୍ୱିତ ମାର୍କେଟିଂ ଅଭିଯାନର ଶୁଭାରମ୍ଭ କରାଯାଇଛି। "ଜହାଁ ବନ୍ଧନ, ୱହାଁ ଟ୍ରଷ୍ଟ୍' ଅଭିଯାନ ସାତ ବର୍ଷରେ ବ୍ୟାଙ୍କ ଏବଂ ବ୍ୟାଙ୍କରେ ପରିଣତ ହେବା ପୂର୍ବରୁ ଗତ ଦୁଇ ଦଶନ୍ଧି ଧରି ବିଭିନ୍ନ ଅବତାରରେ ଏହା ହାସଲ କରିବାରେ ସଫଳ ହୋଇଥିବା ବିଶ୍ୱାସ ଉପରେ ଗୁରୁତ୍ୱାରୋପ କରୁଛି। ବ୍ୟାଙ୍କ ହାସଲ କରିବାରେ ସଫଳ ହୋଇଥିବା ଗ୍ରାହକ ଏବଂ ଅଂଶୀଦାରମାନଙ୍କ ବିଶ୍ୱାସକୁ ପ୍ରଦର୍ଶିତ କରିବା ଲାଗି ଏହି ଅଭିଯାନରେ ଗାଙ୍ଗୁଲିଙ୍କ କ୍ୟାରିୟର କ୍ରମାନ୍ୱୟକୁ ବ୍ୟବହାର କରାଯାଇଛି ଯିଏ ସାତ ବର୍ଷ ପୂର୍ବେ ବ୍ୟାଙ୍କ ଶୁଭାରମ୍ଭ ହେବା ମାତ୍ରେ ବ୍ୟାଙ୍କର ଗ୍ରାହକ ହୋଇଥିଲେ। ଏହି ସିନେମାରେ ଗାଙ୍ଗୁଲି ନିଜ ଜୀବନର ସ୍ମୃତିଚାରଣ କରୁଛନ୍ତି ଯେତେବେଳେ ସେ ଜଣେ ତାରକା ହୋଇନଥିଲେ ଏବଂ ସେତେବେଳେ ପଡ଼ିଆରେ କିଛି ହାତଗଣତି ଦର୍ଶକ ଥିଲେ। ସେ କଠିନ ପରିଶ୍ରମ କରିଥିଲେ, ରନ୍ ସ୍କୋର କରିବା ଆରମ୍ଭ କରିଥିଲେ ଏବଂ ନିଜକୁ ଟିମ୍‌ର ଜଣେ ଭରସାଯୋଗ୍ୟ



ସଦସ୍ୟ ଭାବେ ପ୍ରତିଷ୍ଠିତ କରିଥିଲେ, ସେ କୋଟି କୋଟି ଲୋକଙ୍କ ବିଶ୍ୱାସ ଜିତିପାରିଥିଲେ ଏବଂ ଅଧିକ ଲୋକ ଷ୍ଟାଡିୟମ୍‌କୁ ଆସିଥିଲେ। ସେହିଭଳି ସମାନ ଢଙ୍ଗରେ ବନ୍ଧନ ବ୍ୟାଙ୍କ ଏକ ଛୋଟ ଏନ୍‌ଜିଓ ଭାବେ ଆରମ୍ଭ ହୋଇଥିଲା। ଏହା ସମ୍ପ୍ରସାରିତ ହୋଇଥିଲା ଏବଂ ଏହାର କାମକୁ ଅଂଶୀଦାରମାନଙ୍କ ସ୍ୱୀକୃତି ମିଳିଥିଲା ଏବଂ ବନ୍ଧନ ବ୍ୟାଙ୍କ ଲୋକମାନଙ୍କ ବିଶ୍ୱାସ ଜିତିପାରିଥିଲା।ନୂଆ "ଜହାଁ ବନ୍ଧନ, ବହାଁ ଟ୍ରଷ୍ଟ' ଅଭିଯାନ ସମ୍ପର୍କରେ ଅପୂର୍ବ ସିରକାର୍, ମାର୍କେଟିଂ ମୁଖ୍ୟ, ବନ୍ଧନ ବ୍ୟାଙ୍କ କହିଛନ୍ତି ଯେ, "ଗତ ସାତ ବର୍ଷରେ ବନ୍ଧନ ବ୍ୟାଙ୍କ ୩୪ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଂଚଳରେ ଏହାର ଉପସ୍ଥିତି ଜାହିର କରିଥିବା ବେଳେ ଏହାର ୨.୭୭ କୋଟିରୁ ଅଧିକ ଗ୍ରାହକ ରହିଛନ୍ତି ଏବଂ ଏହାର ବୁକ୍ ସାଇଜ୍ ହେଉଛି ପାଖାପାଖି ୨ ଲକ୍ଷ କୋଟି ଟଙ୍କା। ଗ୍ରାହକମାନଙ୍କ ବିଶ୍ୱାସ ଯାହା ବ୍ୟାଙ୍କ ହାସଲ କରିବାରେ ସଫଳ ହୋଇଛି, ସେଥିପାଇଁ ଏହା ସମ୍ଭବ ହୋଇପାରିଛି। ଦାଦା (ଗାଙ୍ଗୁଲିଙ୍କ) ଜୀବନକୁ ସମସ୍ତେ ଦେଖିଛନ୍ତି। ଯଦିଓ ଉଭୟ ଦାଦା ଏବଂ ବନ୍ଧନ ବ୍ୟାଙ୍କର ଉତ୍ପତି ପଶ୍ଚିମବଙ୍ଗରେ ହୋଇଛି, କିନ୍ତୁ ତାହା ସେମାନଙ୍କୁ ପରିଚୟ ନିର୍ଧାରଣ କରିବାକୁ ସେମାନେ ଦେଇନାହାନ୍ତି ବରଂ ସାରା ଦେଶ ଓ ଦୁନିଆରେ ନିଜକୁ ପ୍ରତିଷ୍ଠିତ କରି କୋଟି କୋଟି ଲୋକଙ୍କ ବିଶ୍ୱାସ ଜିତିଛନ୍ତି। ଉଭୟ ବ୍ରାଣ୍ଡ୍‌ର ସେହି ସମାନ ଯାତ୍ରାରୁ ଅନୁପ୍ରାଣିତ ହୋଇ ଆମର ଏହି ଅଭିଯାନ ପ୍ରସ୍ତୁତ କରାଯାଇଛି।''ଖୁସି ବିଷୟ ଏହା ଯେ ପ୍ରଥମ ଥର ପାଇଁ ବନ୍ଧନ ବ୍ୟାଙ୍କ ଜଣେ ସର୍ବଭାରତୀୟ ବ୍ରାଣ୍ଡ୍ ଆମ୍ବାସାଡରଙ୍କୁ ନିଯୁକ୍ତି ଦେଇଛି।ଏହି ସହଯୋଗିତା ସମ୍ପର୍କରେ କ୍ରିକେଟ୍ କିମ୍ବଦନ୍ତୀ ଓ ବନ୍ଧନ ବ୍ୟାଙ୍କର ବ୍ରାଣ୍ଡ୍ ଆମ୍ବାସାଡର ସୌରଭ ଗାଙ୍ଗୁଲି କହିଛନ୍ତି ଯେ, "ଆଜି ବ୍ୟାଙ୍କ ଯେଉଁଠାରେ ପହଂଚିଛି ସେ ପର୍ଯ୍ୟନ୍ତ ବନ୍ଧନ ବ୍ୟାଙ୍କର ଯାତ୍ରାକୁ ମୁଁ ଅତି ନିକଟରୁ ଦେଖିଛି।

# ଦିବାକର ଦାସ ସ୍ମାରକୀ ପଠଗାରର ୪ର୍ଥ ବାର୍ଷିକ ଉତ୍ସବ

**ଜଗତସିଂହପୁର, (ପିଏନ):** ଜଗତସିଂହପୁର ଜିଲ୍ଲା ସଦର ମହକୁମା ସ୍ଥିତ ଆଦିକବି ଶାରଳା ଦାସ ସଂସ୍କୃତି ଭବନ ପରିସରରେ ଦିବାକର ଦାସ ସ୍ମାରକୀ ପାଠାଗାରର ୪ର୍ଥ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ପ୍ରତାପକୁମାର ଲେଙ୍କାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଏହି ଉତ୍ସବକୁ ଉଦଘାଟକ ଭାବେ ଜଗତସିଂହପୁର ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ସାହୁ ଯୋଗ ଦେଇ ଏହାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଓଡିଶା କୃଷି ଓ ବୈଷୟିକ ବିଦ୍ୟାଳୟର କୁଳପତି ପ୍ରଭାତକୁମାର ରାଉଳ, ମୂଖ୍ୟବକ୍ତା ଭାବେ ଜମିଜମା ପରିମାପକ ଓଡିଶା କଟକ ଅତିରିକ୍ତ ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ବେହେରା, ସମ୍ମାନନୀୟ ଅତିଥି ଭାବେ ଶିକ୍ଷା ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ଡିନ ପ୍ରଫେସର ଜ୍ୟୋତି ରଞ୍ଜନ ଦାଶ, ସମ୍ମାନନୀୟ ଅତିଥି ତନ୍ମୟ ଦାସ,ସୂଚ଼ନା ଓ ଲୋକସମ୍ପର୍କ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ସୂର୍ଯ୍ୟ ରଞ୍ଜନ ମହାନ୍ତି, ଶିକ୍ଷାବିତ ମହେନ୍ଦ୍ରକୁମାର ଆଚ଼ାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ। ଆଦର୍ଶ ଶିକ୍ଷକ ଦିବାକର ଦାସଙ୍କ ସ୍ମୃତିଚ଼ାରଣ କରିବା ସହ ପାଠାଗାରକୁ ଲୋକମାନେ କିପରି ପସନ୍ଦ କରିବେ ଓ ଇଣ୍ଟରନେଟ ଯୁଗରେ ପୁସ୍ତକକୁ କିପରି ପସନ୍ଦ କରିବେ ସେ ସମ୍ପର୍କରେ ଆଲୋଚ଼ନା କରିଥିଲେ। ଏହି ଅବସରରେ ଦିବାକର ଦାସ ସ୍ମୃତି ସମ୍ମାନରେ ସ୍ୱାଧୀନତା ସଂଗ୍ରାମୀ ମାଧବାନନ୍ଦ ମନୋହାରୀ, ସମାଜସେବୀ ହେମନ୍ତକୁମାର ରଥ, ଶିକ୍ଷାବିତ ନିମାଇଁ ଚ଼ରଣ ଦାସ ଓ ସରୋଜକାନ୍ତ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯିବସହ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ପାଠାଗାରର ଏକ ବାର୍ଷିକ ମୁଖପତ୍ର ଅତିଥିମାନଙ୍କ ଦ୍ୱାରା ଉନ୍ମୋଚ଼ିତ ହୋଇଥିଲା। ଶେଷରେ ପାଠାଗାରର ସମ୍ପାଦକ ତଥା ବାଲିକୁଦା ଜିଲ୍ଲା ପରିଷଦ ସଦସ୍ୟ ଜଟାଧାରୀ ଦାସ ସ୍ୱାଗତ ଭାଷଣ ଓ ଅତିଥି ପରିଚ଼ୟ ପ୍ରଦାନ କରିଥିବା ବେଳେ ପାଠାଗାର ର ଉପଦେଷ୍ଟା ତଥା ଶିକ୍ଷାବିତ ଅରୁଣକୁମାର ମହାରଣା ବାର୍ଷିକ ବିବରଣୀ ପାଠ କରିଥିଲେ। ତ୍ରିଲୋଚ଼ନ ପାଢ଼ୀ କାର୍ଯ୍ୟକ୍ରମକୁ ସଯୋଜନା କରିଥିବା ବେଳେ ସମସ୍ତ ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ହକି ବିଶ୍ୱକପ ଟ୍ରଫି ଜିଲ୍ଲା ପରିକ୍ରମା ପାଇଁ ପ୍ରସ୍ତୁତି ବୈଠକ




**କେନ୍ଦ୍ରାପଡ଼ା(ପିଏନ):** ଚଳିତ ଜାନୁଆରୀମାସ ୯ତାରିଖରେ ପୁରୁଷ ବିଶ୍ୱକପ ହକିଟ୍ରଫି କେନ୍ଦ୍ରାପଡା ଜିଲ୍ଲା ପ୍ରଶାସନ ଦ୍ୱାରା ଗ୍ରହଣ କରାଯିବା ଓ ୧୦ତାରିଖରେ ଜିଲ୍ଲାରେ ଭବ୍ୟ ସ୍ୱାଗତ ପ୍ରଦାନ କରାଯିବାର ସମସ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ରାଜେନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟ ଓସତ୍ୱାନ ଗୃହରେ ଆଭାସୀ ମାଧ୍ୟମରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଆଭାସୀ ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପିତାମ୍ବର ସାମଲ, କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ ଅବଦୁଲ ରହେମାନ, ଏପିଡି ମନୀଷା ଗୁପ୍ତା, ଜିଲ୍ଲା ଶିକ୍ଷା ଅଧିକାରୀ ଶୁଭଲକ୍ଷ୍ମୀ ନାୟକ, ସମସ୍ତ ବ୍ଲକର ବିଡିଓ, ବ୍ଲକ ଶିକ୍ଷା ଅଧିକାରୀ, ଜୋନାଲ ସମ୍ପାଦକ, ସରପଞ୍ଚ, ଜନପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ଶ୍ରୀ ପଣ୍ଡାଟ୍ରଫିର ଜିଲ୍ଲା ଆଗମନକୁ ସ୍ମରଣୀୟ ଓ କ୍ରୀଡା ପ୍ରତି ଜନ ସଚେତନତା ଏବଂ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ସଫଳ କରିବା ପାଇଁ ଗ୍ରାମପଞ୍ଚାୟତ, ବ୍ଲକ ଓ ଜିଲ୍ଲା ସ୍ତରରେ ଆୟୋଜିତ ହେବାକୁ ଥିବା କ୍ରୀଡା ପ୍ରତିଯୋଗିତା ସମ୍ପର୍କରେ ବିଷଦ ଭାବେ ଆଲୋଚନା କରିଥିଲେ। ଏହି କ୍ରମରେ ଚଳିତମାସ ୩ରୁ ୮ତାରିଖ ପଞ୍ଚାୟତ ସ୍ତରରେ ୧୧ରୁ ୧୩ତାରିଖ ବ୍ଲକ ସ୍ତରରେ ଓ ୧୭ରୁ ୧୯ତାରିଖ ପର୍ଯ୍ୟନ୍ତ ଜିଲ୍ଲା ସ୍ତରରେ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ଜିଲ୍ଲା କ୍ରୀଡା ଅଧିକାରୀ ସୂଚନା ପ୍ରଦାନ କରିଥିଲେ। ବିଶ୍ୱକପଟ୍ରଫି ଭ୍ରମଣ ସମ୍ପର୍କରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସାମଲ ବିସ୍ତୃତ ଭାବେ ଆଲୋଚନା କରିବା ସହ ଆଭାସୀ ବୈଠକରେ ଯୋଗ ଦେଇଥିବା ସମସ୍ତ ଅଧିକାରୀ ଓ ଜନ ପ୍ରତିନିଧିଙ୍କ ସହଯୋଗ କାମନା କରିଥିଲେ। କଟକ ବାରବାଟି ଷ୍ଟାଡିୟମରେ ଚଳିତମାସ ୧୧ତାରିଖରେ ହେବାକୁ ଥିବା ବିଶ୍ୱକପ ହକି ଉଦଘାଟନୀ ଉତ୍ସବକୁ ପ୍ରତି ଗ୍ରାମପଞ୍ଚାୟତରେ ଏଲଇଡିଟିଭି ବା ପ୍ରୋଜେକ୍ଟର ମାଧ୍ୟମରେ ପ୍ରଦର୍ଶନ କରାଯିବ ବୋଲି ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ମତବ୍ୟକ୍ତ କରିଥିଲେ। ପ୍ରତି ଗ୍ରାମପଞ୍ଚାୟତକୁ ଏବାବଦରେ ୨୦ହଜାରଟଙ୍କା ଅର୍ଥରାଶି ମଞ୍ଜୁର କରାଯାଇଛି ବୋଲି ସେ କହିଥିଲେ। ଶେଷରେ ଜିଲ୍ଲା କ୍ରୀଡା ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ।


# ୨୦୨୨ରେ ଜଳ ସମ୍ପଦ ବିଭାଗ କାର୍ଯ୍ୟରେ ଉଲ୍ଲେଖନୀୟ ସଫଳତା

## ଦେଓ ମଧ୍ୟମ ସଂପୂର୍ଣ୍ଣକରଣ ଓ ସୁବର୍ଣ୍ଣରେଖା ପ୍ରକଳ୍ପରେ ଅତିରିକ୍ତ ଜଳସେଚନ ସୁବିଧା

**ଭୁବନେଶ୍ୱର (ପିଏନ)-** ୨୦୨୨ମସିହାରେ ରାଜ୍ୟ ଜଳସଂପଦ ବିଭାଗକୁବିଭିନ୍ନ କାର୍ଯ୍ୟରେ ଉଲ୍ଲେଖନୀୟ ସଫଳତା ମିଳିଛି ।ସେସବୁ ମଧ୍ୟରେ ରହିଛି ମୟୂରଭଞ୍ଜ ଜିଲ୍ଲାର ଦେଓ ଜଳସେଚନ ପ୍ରକଳ୍ପର ସଂପୂର୍ଣ୍ଣକରଣ କାର୍ଯ୍ୟ । ଦେଓ ମଧ୍ୟମ ଜଳସେଚନ ପ୍ରକଳ୍ପକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ୨୦୨୨ ଅଗଷ୍ଟ ୧୨ ତାରିଖରେ ଲୋକାର୍ପିତ କରିଥିଲେ ।ଏହି ପ୍ରକଳ୍ପ ଦ୍ୱାରା ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆ ଓ ଶୁକୁରୁଳି ବ୍ଲକ ଏବଂ କେନ୍ଦୁଝର ଜିଲ୍ଲାର ସାହାଡାପଦା ବ୍ଲକର ମୋଟ ୧୦୦ ଟି ଗ୍ରାମର ୯୯୦୦ ହେକ୍ଟର ଜମିକୁ ଜଳସେଚନ ସୁବିଧା କରାଯାଇପାରିଛି । ସେହିପରି ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପରେ ପ୍ରଥମ ପର୍ଯ୍ୟାୟରେ କାର୍ଯ୍ୟାରମ୍ଭ କରାଯାଇଥିବା ୬୯,୯୩୩ ହେକ୍ଟର ମଧ୍ୟରୁ ବର୍ଷଶେଷ ସୁଦ୍ଧା ୫୨,୪୮୦ହେକ୍ଟର ଜମିକୁ କେନାଲ ଯୋଗେ ଜଳସେଚନ ସୁବିଧା କରାଯାଇଛି ।ଗତ ଅଗଷ୍ଟ ୧୨ ତାରିଖରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଏହି ସିଷ୍ଟମରେ ଅତିରିକ୍ତ ୧୭,୧୨୧ହେକ୍ଟର ଅଂଚଳକୁ ଜଳସେଚନ ବ୍ୟବସ୍ଥାର ଶୁଭାରମ୍ଭ କରିଥିଲେ ।

ସେହିପରି ମହାନଦୀ-ଚିତ୍ରୋପ୍ତଳା ଦ୍ୱୀପାଞ୍ଚଳରେ ଅବଶିଷ୍ଟ କାର୍ଯ୍ୟକୁ ସଂପୂର୍ଣ୍ଣ କରାଯାଇଛି । ଏହି ପ୍ରକଳ୍ପ ଦ୍ୱାରା କେନ୍ଦ୍ରାପଡା ଜିଲ୍ଲାର ମାର୍ଶାଘାଇ, ଗରଦପୁର ଏବଂ ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲ ଏବଂ କଟକ ଜିଲ୍ଲାର ନିଶ୍ଚିନ୍ତକୋଇଲି ବ୍ଲକର ମୋଟ ୬୪ଟି ଗ୍ରାମର ୬୦୦୦ ହେକ୍ଟର ଜମିକୁ ଜଳସେଚନ ସୁବିଧା କରାଯାଇପାରିଛି ।ଆହୁରି ମଧ୍ୟ ବରଗଡ ଜିଲ୍ଲା ଗଙ୍ଗାଧର ମେହେର ଲିଫ୍ଟ କେନାଲ ପ୍ରକଳ୍ପ ନିର୍ମାଣରେ ଅଗ୍ରଗତି ଘଟିଛି । ସ୍ଥାନୀୟ କୃଷକମାନଙ୍କ ଅନୁରୋଧକୁ ବିଚାରକୁ ନିଆଯାଇ ଆଉ ୫୭୫୦ହେକ୍ଟର ଚାଷ ଜମିକୁ ଜଳସେଚନ ସୁବିଧା କରାଯିବା ପାଇଁ ନିଷ୍ପତ୍ତି ନିଆଯିବା ପରେ ଏଥିପାଇଁ ଅତିରିକ୍ତ କାମ ବାବଦକୁ ୧୭୭ .୧୦ କୋଟି ଟଙ୍କା ଖର୍ଚ୍ଚ ବରାଦ କ୍ୟାବିନେଟ୍ ଦ୍ୱାରା ଅନୁମୋଦନ ଲାଭ କରିଛି । ଏହାକୁ ମିଶାଇ ଗଙ୍ଗାଧର ମେହେର ଲିଫ୍ଟ କେନାଲ ପ୍ରକଳ୍ପରେ ମୋଟ ସେଚାଂଚଳ ୨୫,୬୦୦ ରୁ ୩୧,୩୫୦ ହେକ୍ଟରକୁ ବୃଦ୍ଧି ପାଇଛି । ସେହିପରି ପୁନର୍ବାସ ଓ ଥଇଥାନ ସମସ୍ୟା ଦୂର ପରେ କାନୁପୁର ଜଳ ସେଚନ ପ୍ରକଳ୍ପର ହେଡ୍ ୱାର୍କ ଏବଂ କେନାଲ ନିର୍ମାଣ କାର୍ଯ୍ୟରେ ଅଗ୍ରଗତି ଘଟିଛି ।

୨୦୨୨ରେ ମୋଟ ୪୪ଟି ମେଗା ଜଳସେଚନ ପ୍ରକଳ୍ପ ସଂପୂର୍ଣ୍ଣ କରାଯାଇଥିବା ବେଳେ ବିଭାଗର ଅନ୍ୟ ସମସ୍ତ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରାଯାଇଥିବା ରାଜ୍ୟ ଜଳସଂପଦ ବିଭାଗ ତରଫରୁ ଜଣାଯାଇଛି ।

MAHARISHI PUBLIC SCHOOL
2023-2024

ADMISSION OPEN
Maharishi Public School, Baripada
STD-NURSERY TO VIII
ENROLL YOUR CHILD TODAY
(Special discount for new admission before 15.03.2023)
Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.
25% reservition as per RTE Act (2009)
MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK



Bhubaneswar Thursday January 05, 2023 ଭୁବନେଶ୍ୱର, ଗୁରୁବାର, ଜାନୁଆରୀ ୦୫,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


## ଆଜି ଦ୍ୱିତୀୟ ଟି-୨୦: ସାମସନ ଆହତ



**ମୁମ୍ବାଇ :** ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଟି -୨୦ ପୂର୍ବରୁ ଟିମ୍ ଇଣ୍ଡିଆକୁ ଏକ ବଡ ଝଟକା ଲାଗିଛି। ୱିକେଟ୍ କିପର ବ୍ୟାଟ୍ସମ୍ୟାନ୍ ସଞ୍ଜୁ ସାମସନ୍ ଆଣ୍ଠୁରେ ଆଘାତ କାରଣରୁ ଟିମ୍ ସହ ପୁନେ ଯାଇନାହାନ୍ତି। ସେ ମୁମ୍ବାଇରେ ଆଣ୍ଠୁ ସ୍କାନ କରିଛନ୍ତି। ତାଙ୍କର ଦ୍ୱିତୀୟ ଟି -୨୦ ମ୍ୟାଚ୍ ଖେଳିବା ଉପରେ ସନ୍ଦେହ ରହିଛି। ପ୍ରଥମ ଟି -୨୦ ରେ ବ୍ୟାଟିଂ କରିବାରେ ତାଙ୍କର ପ୍ରଦର୍ଶନ ବିଶେଷ କିଛି ନଥିଲା। ସେ ୫ ରନ୍ ସ୍କୋର କରିବା ପରେ ପାଭିଲିୟନକୁ ଫେରିଥିଲେ।କ୍ରିକବଜ୍ ରିପୋର୍ଟ ଅନୁଯାୟୀ, ସଞ୍ଜୁ ସାମସନ୍ କ୍ୟାଚ୍ ନେବାକୁ ଚେଷ୍ଟା କରୁଥିବାବେଳେ ଆହତ ହୋଇଥିଲେ। ବୁଧବାର ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ପ୍ରଥମ ଟି -୨୦ ସମୟରେ ଶ୍ରୀଲଙ୍କା ଇନିଂସର ପ୍ରଥମ ଓଭରରେ ସଞ୍ଜୁ ସାମସନ ଏକ କ୍ୟାଚ ଡ୍ରପ କରିଥିଲେ। ହାର୍ଦ୍ଦିକ ପାଣ୍ଡ୍ୟା ପ୍ରଥମ ଓଭର କରିଥିଲେ। ଓଭରର ଦ୍ୱିତୀୟ ଡେଲିଭରିରେ ବଲ୍ ପୃଥମ୍ ନିସଙ୍କାଙ୍କ ବ୍ୟାଟ୍ ବାଜି ଆକାଶକୁ ଉଠିଥିଲା। ମଧ୍ୟଭାଗରେ ଫିଲ୍ଡିଂ କରୁଥିବା ସଞ୍ଜୁ ସାମସନ୍ ଡାହାଣକୁ ଡ୍ରାଇଭ୍ ସହିତ କ୍ୟାଚ୍ ନେବାକୁ ଚେଷ୍ଟା କରିଥିଲେ। ସେ ବଲ ଧରିଥିଲେ, କିନ୍ତୁ ତଳେ ପଡ଼ିଯିବା ପରେ ତାଙ୍କ ହାତରୁ ବଲ ପଡି ଯାଇଥିଲା। ଏହା ପରେ ମଧ୍ୟ ସଞ୍ଜୁ ସାମସନ ମ୍ୟାଚ୍‌ରେ ଫିଲ୍ଡିଂ ଜାରି ରଖିଥିଲେ, କିନ୍ତୁ ପରେ ସେ ଆହତ ଅନୁଭବ କରିଥିଲେ, ଏହି କାରଣରୁ ତାଙ୍କୁ ଡାକ୍ତରୀ ପରାମର୍ଶ ନେବାକୁ କୁହାଯାଇଥିଲା।

# ମୁମ୍ବାଇକୁ ଏୟାରଲିଫ୍ଟ ହେଲେ ପନ୍ତ, ଦରକାର ପଡିଲେ ବ୍ରିଟେନ ଯିବେ

**ମୁମ୍ବାଇ:** ଭୟଙ୍କର ସଡକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା କ୍ରିକେଟର ଋଷଭ ପନ୍ତଙ୍କୁ ମୁମ୍ବାଇକୁ ଏୟାରଲିଫ୍ଟ କରାଯାଇଛି। ଦୁର୍ଘଟଣା ପରଠାରୁ ପନ୍ତ ଉତ୍ତରାଖଣ୍ଡର ଡେରାଡୁନରେ ଥିବା ମାକ୍ସ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଆଜି ତାଙ୍କୁ ବିସିସିଆଇ ପକ୍ଷରୁ ମୁମ୍ବାଇକୁ ଏୟାରଲିଫ୍ଟ କରାଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ରହିଛି। ତଥାପି ମୁମ୍ବାଇ ହସ୍ପିଟାଲରେ ତାଙ୍କର ଲିଗାମେଣ୍ଟ ସମସ୍ୟାର ଅସ୍ତ୍ରୋପଚାର ହେବ। ସେହିପରି ଦରକାର ପଡିଲେ ବିସିସିଆଇ ଅଧିକ ଚିକିତ୍ସା ପାଇଁ ପନ୍ତଙ୍କୁ ବ୍ରିଟେନ ମଧ୍ୟ ପଠାଇବ ବୋଲି ଜଣାପଡିଛି। ଡିସେମ୍ବର ୩୦ ପରଠାରୁ ଆଜି ଯାଏ ପନ୍ତ ମାକ୍ସ ହସ୍ପିଟାଲରେ ଥିବା ବେଳେ ଉତ୍ତରାଖଣ୍ଡ ସରକାର ତାଙ୍କର ଚିକିତ୍ସା କରୁଥିଲେ। ଏବେ ବିସିସିଆଇ ପନ୍ତଙ୍କ ଚିକିତ୍ସା ଦାୟିତ୍ୱ ନେଇଛି। ସେ ମୁମ୍ବାଇରେ ପହଞ୍ଚିବା ପରେ ବିସିସିଆଇର ମେଡିକାଲ ଟିମ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ନଜର ରଖିଛି। ବିସିସିଆଇ କହିଛି ଯେ ପନ୍ତଙ୍କୁ ମୁମ୍ବାଇର କୋକିଳବେନ ଧିରୁଭାଇ ଅମ୍ବାନୀ ହସ୍ପିଟାଲରେ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ। ଦୁର୍ଘଟଣାରେ ପନ୍ତଙ୍କ ଲିଗାମେଣ୍ଟରେ ଜଟିଳ ସମସ୍ୟା ସୃଷ୍ଟି ହୋଇଥିଲେ। ତେଣୁ ଏହାର ଅସ୍ତ୍ରୋପଚାର ଜରୁରୀ। ମୁମ୍ବାଇ ହସ୍ପିଟାଲରେ ତାଙ୍କର ସର୍ଜରୀ କରାଯିବ। ବିସିସିଆଇ ପନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ନଜର ରଖିଛି। କୋକିଳବେନ ଧିରୁଭାଇ ଅମ୍ବାନୀ ହସ୍ପିଟାଲ ଆଣ୍ଡ ମେଡିକାଲ ରିସର୍ଚ୍ଚ ଇନଷ୍ଟିଚ୍ୟୁଟରେ ପନ୍ତଙ୍କ ଚିକିତ୍ସା ହେବ। ସେଣ୍ଟର ଅଫ ସ୍ପୋର୍ଟସ ମେଡିସିନ ତଥା ବରିଷ୍ଠ ଡାକ୍ତର ଦିନଶ ପାରଡିୱାଲାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପନ୍ତଙ୍କ ସର୍ଜରୀ ହେବ।





ପନ୍ତଙ୍କୁ ସୁସ୍ଥ ହେବା ଯାଏ ସବୁ ପ୍ରକାରର ସହାୟତା ବିସିସିଆଇ କରିବ। ଦରକାର ପଡିଲେ ଅଧିକ ଚିକିତ୍ସା ପାଇଁ ପନ୍ତଙ୍କୁ ବ୍ରିଟେନ ମଧ୍ୟ ପଠାଇକୁ ବିସିସିଆଇ ପ୍ରସ୍ତୁତ ଥିବା କହିଛି। ବିସିସିଆଇ ସମ୍ପାଦକ ଜୟ ଶାହ ନିଜେ ପନ୍ତଙ୍କ ଉପରେ ନଜର ରଖିଥିବା ଜଣାପଡିଛି। ଶୁକ୍ରବାର ଭୋର ସମୟରେ ପନ୍ତ ତାଙ୍କ ମର୍ସିଡିଜ୍ କାର ଯୋଗେ ଦିଲ୍ଲୀରୁ ଉତ୍ତରାଖଣ୍ଡ ଯାଉଥିଲେ। ତେବେ ରୁର୍କୀ ନିକଟରେ ପନ୍ତଙ୍କ ଆଖି ଲାଗି ଯିବାରୁ ତାଙ୍କ କାର୍ ଡିଭାଇଡର ରେଲିଂରେ ପିଟି ହୋଇ ଜଳି ଯାଇଥିଲା। ତେବେ ବଡ ଅଘଟଣ ପୂର୍ବରୁ ପନ୍ତ କାର୍‌ର କାଚ୍ ଭାଙ୍ଗି ଏହା ମଧ୍ୟରୁ ଡେଇଁ ପଡ଼ିଥିଲେ। ଫଳରେ ସେ ଏକ ନିଶ୍ଚିତ ମୃତ୍ୟୁମୁଖରୁ ବର୍ତ୍ତି ଯାଇଥିଲେ।
ଏହି ଦୁର୍ଘଟଣାରେ ପନ୍ତ ଗୁରୁତର ଆହତ ହୋଇଥିଲେ। ପନ୍ତଙ୍କ କପାଳରେ ଦୁଇଟି କ୍ଷତ ହୋଇଛି। ତାଙ୍କ ଡାହାଣ ଆଣ୍ଠୁରେ ଲିଗାମେଣ୍ଟ ଛିଡିଯାଇଛି। ତାଙ୍କ ଡାହାଣ ମଣିବନ୍ଧ, ବଳାଗଣ୍ଠି, ପାଦ ବୁଢା ଆଙ୍ଗୁଠି ଓ ପିଠିରେ ଆଘାତ ଲାଗିଛି। ତାଙ୍କୁ ଏଥିପାଇଁ ଡେରାଡୁନର ମାକ୍ସ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

## ତ୍ରୟୋଦଶ ସେକ୍ରେଟେରିଏଟ୍ ଓପନ୍ ବ୍ୟାଡମିଂଟନ ଚାମ୍ପିୟନସିପ୍ ଉଦ୍‌ଘାଟିତ

**ଭୁବନେଶ୍ୱର, (ପିଏନ)-** ଓଡିଶା ରାଜ୍ୟ ସଚିବାଳୟ ବ୍ୟାଡମିଂଟନ ସଂଘ (ଓସ୍‌ବା)ର ପଂଚଦଶ ବାର୍ଷିକ ଉତ୍ସବ ପାଳନ ଅବସରରେ ଆୟୋଜିତ ତ୍ରୟୋଦଶ ସଚିବାଳୟ ଓପନ୍ ବ୍ୟାଡମିଂଟନ ଟୁର୍ଣ୍ଣାମେଂଟ - ୨୦୨୩ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ସଚିବାଳୟ ପରିସରରେ ତିନି ଦିନ ଧରି ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଂଟରେ ବିଭିନ୍ନ ବର୍ଗରେ ଦୁଇଶହରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ସଚିବାଳୟ ବ୍ୟାଡମିଂଟନ୍ ସଂଘ ବ୍ୟାଡମିଂଟନ କ୍ରୀଡାର ସର୍ବାଙ୍ଗୀନ ଉନ୍ନତି ପାଇଁ ଏହାର ପ୍ରତିବଦ୍ଧତାକୁ ବଜାୟ ରଖି ବିଗତ ବର୍ଷମାନଙ୍କରେ ଖେଳାଯାଉଥିବା ସିନିଅର ପୁରୁଷ (ଡବଲ୍ସ ଓ ସିଙ୍ଗିଲ୍ସ), ଭେଟେରାନ୍ ପୁରୁଷ (ଡବଲ୍ସ ଓ ସିଙ୍ଗିଲ୍ସ), ମହିଳା (ଡବଲ୍ସ ଓ ସିଙ୍ଗିଲ୍ସ) ଓ ମିଶ୍ରିତ ଯୁଗଳ ଆଦି ୭ଟି ବର୍ଗରେ ପ୍ରତିଯୋଗିତାର ବ୍ୟବସ୍ଥା କରିଛି। ଉଦ୍‌ଘାଟନ ଉତ୍ସବର ମୁଖ୍ୟ ଅତିଥି ଅର୍ଥ ବିଭାଗର ନିର୍ଦ୍ଦେଶକ (ବଜେଟ) ଡ଼. ସତ୍ୟପ୍ରିୟ ରଥ ଓ ସମ୍ମାନୀୟ ଅତିଥି ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଭୁବନେଶ୍ୱର ଜୋନର ଡେପୁଟି ଜେନେରାଲ ମ୍ୟାନେଜେର ସଞ୍ଜୟ କୁମାର ଝା ଆନୁଷ୍ଠାନିକ ଭାବେ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ସଂଘର କାର୍ଯ୍ୟକାରୀ ସଭାପତି ଉମାଶଙ୍କର ମହାପାତ୍ର ସଭାପତିତ୍ୱ କରିଥିଲେ। ଉପସଭାପତି ବିଶ୍ୱଜିତ ମହାନ୍ତି, ସାଧାରଣ ସଂପାଦକ ଚିତରଞ୍ଜନ ରାଉତ, କ୍ରୀଡା ନିର୍ଦେଶକଶଶାଙ୍କ ଶେଖର ମହାପାତ୍ର, କୋଷାଧ୍ୟକ୍ଷ ବରେଣନାଥ ପ୍ରଧାନ, ଯୁଗ୍ମ ସଚିବ କାହ୍ନୁ ଚରଣ ପ୍ରାଣିଗ୍ରାହୀ ଓ ଶ୍ୱେତାମ୍ବର ନାୟକଙ୍କ ସମେତ ସମସ୍ତ ସଭ୍ୟସଭ୍ୟା ଉପସ୍ଥିତ ଥିଲେ। ପ୍ରତିଯୋଗିତାର ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ସହ ନଗଦ ପଚାଶ ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରାଯିବ।

## ଏମ୍ସ ଭୁବନେଶ୍ୱରର ୪ର୍ଥ ବାର୍ଷିକ ସମାବର୍ତ୍ତନ ଉତ୍ସବ ୭ରେ: ଯୋଗଦେବେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର,(ପିଏନ)- ଆସନ୍ତା ୭ ତାରିଖରେ ଏମ୍ସ ଭୁବନେଶ୍ୱରର ୪ର୍ଥ ବାର୍ଷିକ ସମାବର୍ତନ ଉତ୍ସବ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାରକଲ୍ୟାଣ ଏବଂ ସାର ଓ ରସାୟନ ମନ୍ତ୍ରୀ ଡ. ମନସୁଖ ମାଣ୍ଡଭେୟ ଯୋଗଦେବେ। ଏଥିସହିତ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଡ. ଭାରତୀ ପ୍ରବୀଣ ପାୱାର ମଧ୍ୟ ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ଯୋଗଦେବା ନେଇ ବୁଧବାର ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର(ଡ) ଆଶୁତୋଷ ବିଶ୍ୱାସ ପ୍ରକାଶ କରିଛନ୍ତି।
ଏହି ଅବସରରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ମାଣ୍ଡଭେୟ ଏମ୍ସ ଭୁବନେଶ୍ୱର ପରିସରରେ ଏକ ଅତ୍ୟାଧୁନିକ ବର୍ଣ୍ଣ ସେଂଟର୍ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ କରିବେ। ଏନ୍‌ଟିପିସି ସହାୟତାରେ ପ୍ରାୟ ୧୯.୮୭ କୋଟି ବ୍ୟୟରେ ନିର୍ମିତ ଏହି ବର୍ଣ୍ଣ ସେଂଟର୍‌ରେ ୬ଟି ଆଇସିୟୁ ବ୍ୟବସ୍ଥା ସହିତ ୬ଟି କ୍ୟାବିନ୍ ସମେତ ୩୬ଟି ଶଯ୍ୟା ରହିଛି। ୨୫ ଅଗଷ୍ଟ ୨୦୧୮ରେ ଭାରତର ପୂର୍ବତନ ଉପରାଷ୍ଟ୍ରପତି ଭେଙ୍କୟା ନାଇଡୁଙ୍କ ଦ୍ୱାରା ଏହି ବର୍ଣ୍ଣ ସେଂଟରର ଭିତିପ୍ରସ୍ତର ସ୍ଥାପନ କରାଯାଇଥିଲା। ସରକାରୀ ବ୍ୟବସ୍ଥାରେ ପ୍ରଥମ କୁହାଯାଉଥିବା ଏହି ଅତ୍ୟାଧୁନିକ ବର୍ଣ୍ଣ ସେଂଟର୍ ଓଡ଼ିଶା ସମେତ ପଡ଼ୋଶୀ ରାଜ୍ୟର ପୋଡ଼ାଜଳା ରୋଗୀଙ୍କ ପାଇଁ ବିଶେଷ ସହାୟକ ହେବ। ଏଥିସହିତ ସମାବର୍ତନ ଉତ୍ସବ ଅବସରରେ ଅତିଥିମାନଙ୍କ ଦ୍ୱାରା ଏମ୍ସରେ ଏକ କ୍ରିଟିକାଲ୍ କେୟାର ହସ୍ପିଟାଲ୍ ର ଭିତିପ୍ରସ୍ତର ସ୍ଥାପନ କରାଯିବ। ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ଭିତିଭୂମି ମିଶନ (ପିଏମ୍-ଆଭିମ୍) ଯୋଜନା ଅନ୍ତର୍ଗତ ଦେଢ଼ଶହ ଶଯ୍ୟା ବିଶିଷ୍ଟ ଏହି ହସ୍ପିଟାଲ୍ ର ବ୍ୟୟ ଅଟକଳ ପ୍ରାୟ ୧୯୨ କୋଟି ରଖାଯାଇଛି।
ଏହି ଅବସରରେ ଅତିଥିମାନେ ବିଭିନ୍ନ ବର୍ଗରେ ଉତୀର୍ଣ୍ଣ ହୋଇଥିବା ଶ୍ରେଷ୍ଠ ୪୦ ଛାତ୍ରଛାତ୍ରୀଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରିବେ। ଶ୍ରେଷ୍ଠ ବିଦାୟୀ ଏମବିବିଏସ୍ ଗ୍ରାଜୁଏଟ୍ ଭାବରେ ଡ. ଅନିଲ ଦାସ ଏବଂ ଶ୍ରେଷ୍ଠ ବିଏସସି (ସମ୍ମାନ) ନର୍ସିଂ ଗ୍ରାଜୁଏଟ୍ ଭାବେ ଶୁଭ୍ରଜ୍ୟୋତି ବାରିକଙ୍କୁ ସମ୍ବର୍ଦ୍ଧିତ କରାଯିବାନେଇ ସୂଚନା ଦେଇଛନ୍ତି ଡ. ବିଶ୍ୱାସ। ଏଥିସହିତ ଚଳିତ ବର୍ଷ ଏମ୍ ସ ଭୁବନେଶ୍ୱର ପ୍ରତିରୋପଣର ବର୍ଷ ଭାବେ ପରିଗଣିତ କରି ଆଗାମୀ ଦିନରେ ଲିଭର୍ (ଯକୃତ), ବୋନ୍ ମ୍ୟାରୋ(ଅସ୍ଥିମଜ୍ଜା), କର୍ଣ୍ଣିଆ ଆଦି ପ୍ରତିରୋପଣ ଆରମ୍ଭ କରିବାକୁ ଯୋଜନା ରଖିଛି।
ଆଜି ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଡିନ୍ ଡ. ପି ଆର ମହାପାତ୍ର, କୁଳସଚିବ ବି ବି ମିଶ୍ର ଏବଂ ଭାରପ୍ରାପ୍ତ ଡିଡିଏ ରଶ୍ମି ରଂଜନ ସେଠୀ ପ୍ରମୁଖ ଉପସ୍ଥିତ ରହି ଏମ୍ସ ଭୁବନେଶ୍ୱରର ସଫଳତାର ଏକ ଦଶନ୍ଧି ଯାତ୍ରା ଉପରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍ଘାଟିତ ହେବାକୁ ଥିବା ଏକ ପ୍ରଦର୍ଶନୀ ବିଷୟରେ ଗଣମାଧ୍ୟମକୁ ସୂଚନା ଦେଇଥିଲେ।

## ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଶିକ୍ଷକ ଓ ଅଧ୍ୟକ୍ଷଙ୍କ ୪ଦିନିଆ ଦକ୍ଷତା ବିକାଶ କର୍ମଶାଳା

**ଭୁବନେଶ୍ୱର, (ପିଏନ)-** ଜନଜାତି ବ୍ୟାପାର ମନ୍ତ୍ରାଳୟର ଏକ ସ୍ୱୟଂଶାସିତ ଅନୁଷ୍ଠାନ, ଜନଜାତି ଛାତ୍ରଛାତ୍ରୀଙ୍କ ପାଇଁ ଜାତୀୟ ଶିକ୍ଷା ସିମିତି ଏବଂ ଭାରତୀୟ ଜନସ୍ୱାସ୍ଥ୍ୟ ଫାଉଣ୍ଡେସନ ମିଳିତ ଭାବରେ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଶିକ୍ଷକ ଓ ଅଧ୍ୟକ୍ଷମାନଙ୍କର ଦକ୍ଷତା ବୃଦ୍ଧି ପାଇଁ ଆଗେଇ ଆସିଛନ୍ତି। ଜାନୁୟାରୀ ୩ ରୁ ୬ ପର୍ଯ୍ୟନ୍ତ ଆନୁଷ୍ଠାନିକ ଭାବରେ ଏହି ପ୍ରଶିକ୍ଷଣର ପ୍ରଥମ ବ୍ୟାଚ ଅନୁଷ୍ଠିତ ହେଉଛି। ଏହି ଚାରିଦିନିଆ ପ୍ରଶିକ୍ଷଣ ଶିବିର ଜନଜାତି ଛାତ୍ରଛାତ୍ରୀଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ବିଷୟ ଯଥା ପୁଷ୍ଟିସାଧନ, ମାନସିକ ସ୍ୱାସ୍ଥ୍ୟ ଏବଂ ସାଧାରଣ ସ୍ୱାସ୍ଥ୍ୟ ବିକାଶ ଉପରେ ଦୃଷ୍ଟି ଦେଇଛି। ଏହି ପ୍ରଶିକ୍ଷଣ ଜନଜାତି ଅଂଚଳରେ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟର ପ୍ରାସଂଗିକତା ଉପରେ ଅଧ୍ୟକ୍ଷ ତଥା ଶିକ୍ଷକମାନଙ୍କୁ ମାର୍ଗଦର୍ଶନ ଦେବ ଏବଂ ସେମାନଙ୍କ ନିଜର ବିଦ୍ୟାଳୟରେ ଏହାର ନିଷ୍କର୍ଷକୁ ପ୍ରୟୋଗ କରିବାକୁ ସହାୟକ ହେବ। ସାରା ଓଡ଼ିଶାର ୨୭ ଟି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରୁ ୫୪ ଜଣ ପ୍ରଥମ ବ୍ୟାଚରେ ଯୋଗଦାନ କରିଛନ୍ତି। ସେମାନଙ୍କୁ ପୁଷ୍ଟିସାଧନ ଏବଂ ମାନସିକ ସ୍ୱାସ୍ଥ୍ୟ ଉପରେ ତାଲିମ ଦିଆଯିବ।
ଏହି କର୍ମଶାଳାକୁ ଭାରତ ସରକାରଙ୍କ ଜନଜାତି ବ୍ୟାପାର ରାଜ୍ୟ ମନ୍ତ୍ରୀ ଶ୍ରୀମତୀ ରେଣୁକା ସିଂ ସାରୁତା ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଭାରତ ସରକାରଙ୍କ ଜନଜାତି ବ୍ୟାପାର ରାଜ୍ୟ ମନ୍ତ୍ରୀ ଶ୍ରୀମତୀ ସାରୁତା ତାଙ୍କ ଅଭିଭାଷଣରେ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ ଏବଂ ଶିକ୍ଷକମାନେ ପ୍ରତିଦିନ ଛାତ୍ରଛାତ୍ରୀଙ୍କ ସହ ଭାବର ଆଦାନପ୍ରଦାନ କରୁଥିବାରୁ ସେମାନେ ସ୍ୱାସ୍ଥ୍ୟ ସମସ୍ୟାର ବିଭିନ୍ନ ଦିଗ ପ୍ରତି ସଚେତନ ହେବା ସହ ତାକୁ ସମ୍ପାଦନ କରିବା ପାଇଁ ଅନୁପ୍ରେରିତ ହେବାର ଆବଶ୍ୟକତା ରହିଛି ବୋଲି ଆଲୋଚନା କରିଥିଲେ। ଅନ୍ୟାନ୍ୟ ଅତିଥିମାନଙ୍କ ମଧ୍ୟରେ ଶ୍ରୀମତୀ ଇନ୍ଦିରା ମୁଦଗଲ, ଉପ ଆୟୁକ୍ତ, ଜାତୀୟ ଶିକ୍ଷା ସିମିତି ଏବଂ ଡ. ପୁଷ୍କର କୁମାର, ନିର୍ଦ୍ଦେଶକ, ପ୍ରଶିକ୍ଷଣ, ଭାରତୀୟ ଜନସ୍ୱାସ୍ଥ୍ୟ ଫାଉଣ୍ଡେସନ, ଶ୍ରୀ ବିଶ୍ୱରଞ୍ଜନ ସାସମଲ, ସ୍ୱତନ୍ତ୍ର ସଚିବ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ, ବିଭାଗୀୟ ନିର୍ଦ୍ଦେଶକ (ଅନୁସୂଚିତ ଜନଜାତି ) ଶ୍ରୀକାନ୍ତ ତରାଇ, ଏସ୍‌ସିଏସ୍‌ଟିଆରଟିଆଇର ନିର୍ଦ୍ଦେଶକୀ ଇନ୍ଦ୍ରମଣି ତ୍ରିପାଠୀ, ଆସିଷ୍ଟାଂଟ ସେକ୍ରେଟାରୀ, ଓଏମ୍‌ଟିଇଏସ୍ ଡ. ଗୀତାଂଶୁ ମୋହନ ଦାଶ ଯୋଗଦାନ କରିଥିଲେ।
ଏହି ପ୍ରଶିକ୍ଷଣ କର୍ମଶାଳା ଜନଜାତି ଛାତ୍ରଛାତ୍ରୀଙ୍କ ଆବଶ୍ୟକତା ପୂରଣ ପାଇଁ ସକ୍ଷମ ହେବା ସହ ଦେଶର ସମସ୍ତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟକୁ ପହଂଚିପାରିବ। ଅଧ୍ୟକ୍ଷ ଏବଂ ଶିକ୍ଷକମାନଙ୍କୁ ଦିଆଯାଇଥିବା ଏହି ପ୍ରଶିକ୍ଷଣ ପିଲାମାନଙ୍କ ବିକାଶ ଦିଗରେ ସହାୟକ ହେବ। ଏହା ଭାରତୀୟ ଜନସ୍ୱାସ୍ଥ୍ୟ ପ୍ରତିଷ୍ଠାନଗୁଡ଼ିକର ଦକ୍ଷତା ବୃଦ୍ଧି ସହିତ ବିଭିନ୍ନ ବିଭାଗର ସ୍ୱାସ୍ଥ୍ୟ ବ୍ୟବସ୍ଥା ସମ୍ପର୍କିତ ଶିକ୍ଷାକୁ ଯୋଡ଼ିବାରେ ସହାୟକ ହେବ।

### ହକି ବିଶ୍ୱକପ ପାଇଁ ଭୁବନେଶ୍ୱରରେ ପହଂଚିଲା ନେଦରଲାଣ୍ଡ୍ସ ହକି ଟିମ୍

**ଭୁବନେଶ୍ୱର, (ପିଏନ)-** ଓଡିଶାରେ ଅନୁଷ୍ଠିତ ହେବାକୁ ଥିବା ହକି ପୁରୁଷ ବିଶ୍ୱକପକୁ ଆଉ ଖୁବ କମ ଦିନ ରହିଥିବା ବେଳେ ପ୍ରଥମ ବିଦେଶୀ ଟିମ ଭାବେ ନେଦରଲ୍ୟାଣ୍ଡ ଟିମ ବୁଧବାର ଦିନ ଭୁବନେଶ୍ୱର ପହଂଚିଛି। ଟିମର ସଦସ୍ୟ ମାନେ ଭୁବନେଶ୍ୱର ସ୍ଥିତ ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ପହଂଚିବା ପରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ବିମାନ ବନ୍ଦରରେ ପହଂଚିବା ପରେ କଡ଼ା ସୁରକ୍ଷାରେ ଖେଳାଳିଙ୍କୁ ହୋଟେଲକୁ ନିଆଯାଇଛି। ଆଗାମୀ ୧୪ ତାରିଖରେ ରାଉରକେଲାରେ ମାଲେସିଆ ବିପକ୍ଷରେ ନେଦରଲାଣ୍ଡ ଦଳ ମ୍ୟାଚ ଖେଳିବାର କାର୍ଯ୍ୟକ୍ରମ ରହିଛି। ମିଳିଥିବା ସୂଚନା ଅନୁସାରେ ଆସନ୍ତାକାଲିଠୁ ଚିଲି, ଜାପାନ, ଆର୍ଜେଂଟିନା ଟିମ୍ ଭୁବନେଶ୍ୱରରେ ପହଂଚିବେ।

### ଆସାମ ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ କଲେ ଜଙ୍ଗଲ ମନ୍ତ୍ରୀ

**ଭୁବନେଶ୍ୱର, (ପିଏନ)-** ଓଡ଼ିଶାରେ ଚଳିତ ମାସ ୧୩ ତାରିଖରୁ ରାଜଧାନୀ ଭୁବନେଶ୍ୱର ଏବଂ ରାଉରକେଲାଠାରେ ଆରମ୍ଭ ହେଉଥିବା ବହୁ ପ୍ରତିକ୍ଷିତ ପୁରୁଷ ହକି ବିଶ୍ୱକପ୍-୨୦୨୩ ଉପଲକ୍ଷେ ଦେଶର ସମସ୍ତ ମୁଖ୍ୟମନ୍ତ୍ରୀ ଓ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ନିମନ୍ତ୍ରଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ତରଫରୁ ରାଜ୍ୟର ମନ୍ତ୍ରୀମାନେ ବିଭିନ୍ନ ରାଜ୍ୟକୁ ଗସ୍ତ କରିଛନ୍ତି। ସେହି ମର୍ମରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତନ, ପଂଚାୟତିରାଜ ଓ ପାନୀୟ ଜଳ, ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ପ୍ରଦିପ କୁମାର ଅମାତ ଆଜି ପୂର୍ବାହ୍ନରେ ଆସାମର ମୁଖ୍ୟମନ୍ତ୍ରୀ ହେମନ୍ତ ବିଶ୍ୱଶର୍ମାଙ୍କୁ ଦିସ୍ ପୁରଠାରେ ସାକ୍ଷାତ କରି ଓଡ଼ିଶାରେ ଅନୁଷ୍ଠିତ ହେବାକୁ ଥିବା ପୁରୁଷ ହକି ବିଶ୍ୱକପ୍-୨୦୨୩ରେ ଅତିଥି ଭାବରେ ଯୋଗଦେବା ପାଇଁ ସାଦର ନିମନ୍ତ୍ରଣ କରିଛନ୍ତି।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM



MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray